ମୁକ୍ତିପଥର ହୁଙ୍କାର

ବୋଇଲେ ଏ କଷ୍ଟ ମିତ୍ର ନ ଦିଅ ଆମ୍ଭଙ୍କୁ,
ଦେବାକୁ କି କଷ୍ଟ ନାହିଁ ମିତ୍ରାଣୀ ତୁମ୍ଭଙ୍କୁ ?

ଶ୍ରୀ ଶଶିଭୂଷଣ ମିଶ୍ର

ମୁକ୍ତି ପଥର ଭିକାରି

ଶ୍ରୀ ଶଶିଭୂଷଣ ମିଶ୍ର

Digitized by srujanika@gmail.com

ଲେଖକ ଓ ପ୍ରକାଶକ—

ଶ୍ରୀ ଶଶିଭୂଷଣ ମିଶ୍ର

କମଗାଁ, ଭେଡ଼ନ

ସମ୍ବଲପୁର

ପ୍ରଥମ ମୁଦ୍ରଣ— ୧୫୦୦–୧୯୭୭

ମୁଦ୍ରାକର—

ଶ୍ରୀ ଅକ୍ଷୟ କୁମାର ଦାଶ

ବିଶ୍ୱଭରତୀ ପ୍ରେସ

ମୋଦିପଡ଼ା, ସମ୍ବଲପୁର

ମୂଲ୍ୟ—ଏକ ଟଙ୍କା

Digitized by srujanika@gmail.com

ଉପହାର

ଶ୍ରୀଯୁକ୍ତ ....ଙ୍କ

କରକମଳରେ ....ନିଦର୍ଶନ

ସ୍ୱରୂପ ସାଦରେ ଅର୍ପିତ ହେଲା ।

ଲେଖକ

Digitized by srujanika@gmail.com

ଓଡ଼ିଶା ସରକାରଙ୍କ ସାଂସ୍କୃତିକ ବିଭାଗ ଏହି ପୁସ୍ତକର ମୁଦ୍ରଣ ଖର୍ଚ୍ଚ ବାବଦକୁ ଟ ୫୦୦ ସାହାଯ୍ୟ ପ୍ରଦାନ କରିଥିବାରୁ ଲେଖକ ପ୍ରୋକ୍ତ ବିଭାଗଙ୍କ ନିକଟରେ କୃତଜ୍ଞ ।

ଲେଖକ

Digitized by srujanika@gmail.com

— ଆତ୍ମକଥା —

ଅଳ୍ପ ଶିକ୍ଷା ପ୍ରାପ୍ତ ହୋଇ, ଅନ୍ତରର ସାଧନା କରି ଓ ଅନନୁକୂଳ କାର୍ଯ୍ୟ କ୍ଷେତ୍ରରେ ରହି ମୁଁ ସର୍ବ ପ୍ରଥମରେ ସନ୍ ୧୯୬୦ ଖ୍ରୀ:ରେ ବିଭିନ୍ନ ରାଗ ସମ୍ମିଳିତ "ନଳିନୀ ବିଜୟ" ନାମକ କବିତା ରଚନା କରି ପ୍ରକାଶ କଲି । ଆଶା ଓ ଆଶ୍ୱାସନାର ବିଷୟ ଏହି ଯେ ମୋର ଏହି ଆକସ୍ମିକ ଭାବରେ ତ୍ରୁଟିଭରା ପ୍ରସୂତ ରଚନା ଅନେକ ଛନ୍ଦ ସାହିତ୍ୟାମୋଦିମାନଙ୍କଠାରେ ଯଥାର୍ଥ ଆଦୃତ ହେବାରୁ ମୁଁ ସେହିପରି ଆଉ ଏକ ଛନ୍ଦ କବିତା "ଦମୟନ୍ତୀ" ଅପେକ୍ଷାକୃତ ବିଶୁଦ୍ଧ ଭାଷାରେ ଓ ବୃହଦାକାରରେ ରଚନା କରିବାକୁ ମନ ବଳାଇଲି । ଏହି ରଚନାର ଆରମ୍ଭ କାଳରେ ମୋତେ କର୍ମ ନିବନ୍ଧନ ବଶତଃ ସ୍ୱର୍ଗୀୟ କବି ମିହିର ଗଙ୍ଗାଧର ମେହେରଙ୍କର ଜନ୍ମଭୂମି ବରପାଲିରେ ଅବସ୍ଥାନ କରିବାର ସୌଭାଗ୍ୟ ଘଟିଲା । ସେଠାରେ କବି ମେହେରଙ୍କ ପଟ୍ଟଶିଷ୍ୟ ସୁଲେଖକ ପଣ୍ଡିତ ଶ୍ରୀ ମାଧବ ମିଶ୍ରଙ୍କ ସାନ୍ନିଧ୍ୟ ଓ ଆନୁଗତ୍ୟ ଲାଭ କରିବାର ସୁଯୋଗ ମିଳିଲା । ପଣ୍ଡିତ ମହାଶୟଙ୍କ ସାମୟିକ ଉତ୍ସାହ, ଉପଦେଶ, ଶିକ୍ଷା ମୋର କ୍ଷୀଣ ପ୍ରତିଭା ପ୍ରଦୀପରେ ଘୃତ ସଂଯୋଗ ତୁଲ୍ୟ କାର୍ଯ୍ୟକାରୀ ହେଲା । କବି ବା ଲେଖକ ହେବାର ମୋର ବାସନା ନାହିଁ, କିନ୍ତୁ ସାହିତ୍ୟ ସେବାରେ ଆତ୍ମହରା ହୋଇ ମୁଁ ବିଶେଷ ଆନନ୍ଦ ଅନୁଭବ କରିଥାଏଁ ।

Digitized by srujanika@gmail.com

"ଦମୟନ୍ତୀ" ପ୍ରକାଶିତ ହେବା ପରେ ପରେ ମୁଁ ସାବିତ୍ରୀ ଚରିତ ଓ ଜଗନ୍ନାଥ ଦର୍ଶନ ନାମକ ଦୁଇଟି କ୍ଷୁଦ୍ର ପୁସ୍ତିକା ରଚନା ଓ ପ୍ରକାଶ କରି ଆଜି ମୋର ବିଭିନ୍ନ ଛନ୍ଦଯୁକ୍ତ "ମୁକ୍ତ ପଥର ଭଣ୍ଡାର" କବିତାଟି ପ୍ରକାଶ କଲି । ପ୍ରିୟ ପାଠକ ପାଠିକାମାନଙ୍କ ନିକଟରେ ଆଦୃତ ହେଲେ ମୋର ଶ୍ରମ ସାର୍ଥକ ହେବ । ଇତି ।

—ଲେଖକ

ଅଭିମତ

(୧)

ବନ୍ଧୁବର ଶ୍ରୀଯୁକ୍ତ ଶଶିଭୂଷଣ ମିଶ୍ରଙ୍କ ପ୍ରଣୀତ "ମୁକ୍ତ ପଥର ଭଣ୍ଡାର" କବିତାଟି ପାଠ କରି ମୁଁ ଅତ୍ୟନ୍ତ ପ୍ରୀତି ଲାଭ କରିଅଛି । ଏହାର ଭାଷା ଓ ଭାବ ଅତି ସୁନ୍ଦର, ସେପରି କି ପରସ୍ପର ପ୍ରତି-ଯୋଗିତା କରୁଅଛନ୍ତି । ପ୍ରାକୃତିକ ବର୍ଣ୍ଣନାଂଶମାନ କେବଳ ଉପଭୋଗ୍ୟ ନୁହେଁ, ଅନୁଧ୍ୟେୟ ମଧ୍ୟ ।

ଶଶୀ ବାବୁଙ୍କ ପ୍ରଥମ ପ୍ରକାଶିତ "ନଳିନୀ ବିଜୟ"ର ରଚନା ଶୈଳୀ ପରର ଏହା ଚିତ୍ତାକର୍ଷକ ହୋଇଅଛି । ତାଙ୍କର ଦମୟନ୍ତୀ କବିତାକୁ କବି ମିହିର ମେହେରଙ୍କ ଶୈଳୀରେ ଗଢ଼ିବାକୁ ସେ ଚେଷ୍ଟା କରିଛନ୍ତି । "ମୁକ୍ତ ପଥର ଭଣ୍ଡାର" ମଧ୍ୟ ସେ ଶୈଳୀ ପରମ୍ପରାର କବିତା ହୋଇଥିବାରୁ ବେଶ୍ ଚିତ୍ତାକର୍ଷକ ହୋଇ ପାରିଛି । ଏହା ବିଭିନ୍ନ ବୃତ୍ତରେ ରଚିତ ଏକ ଛନ୍ଦୋବଦ୍ଧ କାବ୍ୟ, ତେଣୁ ଏପରି କବିତା ରଚନା କାଳରେ ସଠିକ ଅନୁପ୍ରାସଯୁକ୍ତ ଶବ୍ଦ-ମାନଙ୍କର ଉପଯୁକ୍ତ ପ୍ରୟୋଗ କରି ପାରିଲେ କବିତା ସ୍ୱତଃ ଲଳିତ, ମଧୁର ଓ ସଙ୍ଗୀତମୟ ହୋଇଉଠେ ।

Digitized by srujanika@gmail.com

ଶଶୀ ବାବୁ ଏ ଦିଗରେ ଭବିଷ୍ୟତରେ ଅଧିକତର ଅବହିତ ହେବେ ବୋଲି ଆଶା କରାଯାଏ ।

ବରଗଡ଼
ତା: ୨୦ । ୧୨ । ୭୫ — ଶ୍ରୀ ଖଗେଶ୍ୱର ସାହୁ

(୪)

ମଦୀୟ ବାଲ୍ୟ ସହପାଠୀ ଶ୍ରୀଯୁକ୍ତ ଶଶିଭୂଷଣ ମିଶ୍ରଙ୍କ ରଚିତ "ମୁକ୍ତ ପଥର ଝଙ୍କାର" କବିତାଟି ପାଠ କରି ବିଶେଷ ଆନନ୍ଦ ଉପଭୋଗ କଲି । କର୍ମମୟ ଜୀବନରେ ଥାଇ ଅଳ୍ପ ଶିକ୍ଷା ପ୍ରାପ୍ତ ଶଶୀ ବାବୁ ଏପରି ସୁନ୍ଦର କବିତା ରଚନା କରି ପାରିଥିବାରୁ ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି ।

କବିତାଟି ବିଭିନ୍ନ ବୃତ୍ତରେ ସୁସଜ୍ଜିତ, ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରରେ ବିଭୂଷିତ ହୋଇ ନିଜ କଳେବରକୁ ରୁଚିରତର କରିପାରିଛି । ପ୍ରାକୃତିକ ବର୍ଣ୍ଣନାବଳୀ ଜୀବନ୍ତତୁଲ୍ୟ ପ୍ରତୀୟମାନ ହୋଇ ପାଠକର ମନ ହରଣ କରୁଅଛି ।

ତେଣୁ କବିତାଟି ଆଧୁନିକ ରୁଚିସମ୍ପନ୍ନ ହୋଇ ନ ଥିଲେ ମଧ୍ୟ ବେଶ ଉପଭୋଗ୍ୟ ହୋଇଅଛି । ଆଶା ତରୁଣ କବି ସାହିତ୍ୟ ସେବାରେ ନିଜକୁ ପୂର୍ଣ୍ଣ ପ୍ରାଣରେ ନିୟୋଜିତ କରି ଆତ୍ମପ୍ରସାଦ ଲଭ କରିବା ସଙ୍ଗେ ସଙ୍ଗେ କବିତା ରାଜ୍ୟରେ ଉତ୍ତରୋତ୍ତର ଖ୍ୟାତି ଅର୍ଜନ କରିବେ । ଇତି ।

ଧାମା
ତା: ୧୫ । ୧୨ । ୭୪ — ଶ୍ରୀ ଜନାର୍ଦ୍ଦନ ପାତ୍ର
ଏମ୍. ଏ. ବି. ଇଡ଼୍.

Digitized by srujanika@gmail.com

ପଦେଅଧେ

(୩)

ଶ୍ରୀମାନ୍ ଶଶିଭୂଷଣ ମିଶ୍ର "ମୁକ୍ତ ପଥର ଭିକାରି" ସମ୍ବନ୍ଧରେ ଅଭିମତ ଦେବାକୁ ମୋତେ ଅନୁରୋଧ କରିଛନ୍ତି । ମୁଁ ତାଙ୍କ କୃତିର ପାଣ୍ଡୁଲେଖା ପାଠ କରିଅଛି । ତତ୍ ବିଷୟରେ କୌଣସି ମତ ବା ଅଭିମତ ଦେବା ମୋର ଉଦ୍ଦେଶ୍ୟ ନୁହେ ଏବଂ ସେଥିଲାଗି କୁଣ୍ଠା ବୋଧ କରୁଅଛି । ଅନ୍ୟର ଅଭିମତ ପାଠକମାନଙ୍କର ସ୍ୱାଧୀନ ବିଚାରକୁ ଅଯଥା ବିପଥଗାମୀ କରେ । ବେଳେ ବେଳେ ଅଭିମତର ମଧ୍ୟ ମୂଲ୍ୟହ୍ରାସ ଘଟେ । ସୁଧୀ ପାଠକବୃନ୍ଦ ନିଜେ ପାଠ କରି ଏବଂ ବିଚାର କରି କବିତାର ମୂଲ୍ୟାଙ୍କନ କରିବେ ।

କବି ମିଧ୍ୱର ମେହେରଙ୍କ ତିରୋଧାନ ପରେ ସମ୍ବଲପୁରର କାବ୍ୟାକାଶ ଶୂନ୍ୟ ହୋଇଅଛି । ମେହେରଙ୍କ ପରି ଶଶିଭୂଷଣ ବିଦ୍ୟାଳୟରୁ ଅଳ୍ପ ମାତ୍ର ଶିକ୍ଷା ପାଇଛନ୍ତି ଏବଂ ତାଙ୍କ ପରି କମାବନ୍ଦୀ ଭିଆଣ ବ୍ୟବସାୟୀ । କବିତା ପ୍ରଣୟନରେ ସେ ମେହେରଙ୍କ ପଦାଙ୍କ ଅନୁସରଣ କରିଛନ୍ତି ଏବଂ ଆଶାର କ୍ଷୀଣ ଆଲୋକ ସଞ୍ଚାରଣ କରିଛନ୍ତି । ସେ ଏ ମାର୍ଗରେ କେତେ ଦୂର ନିଜ ଉଦ୍ୟମ ସଫଳ କରି ପାରିବେ, ତାହା ଦେଖିବା ପାଇଁ ବାସନା ରହିଲା ।

ମୋଦିପଡ଼ା,
ସମ୍ବଲପୁର

ଶ୍ରୀ ଶିବପ୍ରସାଦ ଦାଶ
ତା: ୧୫ । ୫ । ୭୭

Digitized by srujanika@gmail.com

ଲେଖକ – ଶ୍ରୀ ଶଶିଭୂଷଣ ମିଶ୍ର

Digitized by srujanika@gmail.com

ମୁକ୍ତି ପଥର ଭିକାରି

ପ୍ରଥମ ଛାନ୍ଦ

(ନନ୍ଦବାଣୀ—ବୃତ୍ତ)

ଜୟ ରମାପତି ଶ୍ରୀମତୀ ବଲ୍ଲଭ
ତୋ ଚରଣସେବା ମୋ ପକ୍ଷେ ଦୁର୍ଲ୍ଲଭ
ଯେ ପଦ ମହିମା ଦେବେ ଅଗୋଚର
ବୁଝିବ କିପରି ମୁହିଁ କ୍ଷୁଦ୍ର ନର ।
ଚନ୍ଦବାତେ ଯଥା ନୀରସ ପଲ୍ଲବ
ମୋ ପକ୍ଷେ ସେ ଦଶା ହୋଇଛି ସମ୍ଭବ ।
ଅଳୀକ ସୁଖରେ ହୋଇ ବିଜଡ଼ିତ
ମାୟାମୟ ସ୍ରୋତେ ହେଲି ପ୍ରଧାବିତ ।
ଭବାବ୍ଧି ତରଙ୍ଗ ପ୍ରଚଣ୍ଡ ଅନିଳେ
ଉଠେଁ ପଡେଁ ମୁହିଁ ସ୍ଥିରେ ନୁହେଁ ତଳେ ।
ଆବୋରିଛି ଆଶା ପରବନ୍ତ ଚୂଳ
ତବ ନାମ-ତରି ଲଗାଇବ କୂଳ ।

Digitized by srujanika@gmail.com

ତୋ ଗୁଣ ବର୍ଣ୍ଣିବେ କାହିଁ ମୋର ଜ୍ଞାନ
ଶାରଦା ଚରଣେ ଲଗାଇବି ଧ୍ୟାନ ।
ଅଳଅଳ ସୁତ ପରାୟେ ସତତ
ଅଳ କରୁଥିବି ଧରି ମୁଁ ଚରଣ ।
ପ୍ରସନ୍ନ ବଦନ୍ତେ ହୁଅନ୍ତୁ ସେ ଯାହା
ତାଙ୍କ ଆଜ୍ଞା ପାଳି ଲେଖିବି ମୁଁ ତାହା ।
ସଜାଇବି ପଦ ନାନାବିଧ ଛନ୍ଦେ
ପ୍ରେମିକ ଭକତେ ଯେମନ୍ତେ ଆନନ୍ଦେ ।
ଯାଉଥିବି ଚଢ଼ି କଳ୍ପନା ରଥରେ
ଦୃଷ୍ଟି ଥିବ ସଦା ବାସ୍ତବ ପଥରେ ।

× × × ×

ସାହିତ୍ୟକାନନ ଅଧିଷ୍ଠାତ୍ରୀ ଦେବୀ
ତୋ କିଙ୍କର ପଦେ ମୁଁ କି କ୍ଷମ ହେବି ।
ନୁହେ ମୁଁ ପଣ୍ଡିତ ନୁହେ ସୁଲେଖକ
ନୁହଇଁ ମୁହିଁ ସୁପର୍ଯ୍ୟବେକ୍ଷକ ।
ଉତ୍କଳ ସାହିତ୍ୟ କାନନ ଭ୍ରମଣ
ବାସନା ଥିଲେ ହେଁ ଦେଖିବା ବିଡ଼ମ୍ବନ ।
କଣ୍ଟକିଏ ପଥ ଅତି ଦୁରଗମ
ଅଜ୍ଞାନ ଅନ୍ଧାରେ ନୋହୁଛି ସୁଗମ ।
ତଥାପି ହେ ମାତ ବାନ୍ଧି ମୁଁ ସାହସ
ତୋ ପଦକମଳେ ଅର୍ପୁଛି ମାନସ ।

Digitized by srujanika@gmail.com

କବି ଆଖ୍ୟା ପାଇଁ ନ ବଳେ ମୋ ଚିତ୍ତ
ଉପାଧି ଲଭରେ ନୁହେଁ ଲାଳାୟିତ ।
ସ୍ୱର୍ଗେ ରହି ପଛେ ହେବ ମୁହିଁ ଶ୍ୱାନ
ମର୍ତ୍ତ୍ୟେ ରାଜା ହୋଇ ନ ବଢ଼ୁ ମୋ ମାନ ।
ନବ ଯୁଗ ନବ ସବୁଜ ସାହିତ୍ୟ
ପ୍ରଲୋଭନେ କେବେ ନ ବଳେ ମୋ ଚିତ୍ତ ।
ସ୍ୱଭାବ ସୁନ୍ଦର କବି ଗଙ୍ଗାଧର
ଗୁନ୍ଥିଛନ୍ତି ମାଗୋ ଧରି ନିଷ୍ଠା ଶ୍ରୀକର ।
ପକାଇ ଅଛନ୍ତି ଯେହି ଯେଉଁ ପଦ
ଏକ ଏକ ପଦ ରସାମୃତ ନଦ ।
ବନ୍ଦୁ ମାସ ଛନ୍ଦୁଁ ଲଭିବାକୁ ମାତ୍ର
ଜଣାଏଁ ଚରଣେ ନତ କରି ମାଥ ।

× × × ×

ନୀରବ ନିଶୀଥେ ପ୍ରକୃତି ସୁନ୍ଦରୀ
ଯାଉଛେ ଧରାମଞ୍ଚ ଚନ୍ଦ୍ରାଲୋକ ଧରି ।
ଦିବା ଅଭିନୟ ହେବ ନିଶିଶେଷେ
ଦିଗଙ୍ଗନା ସଙ୍ଗେ ମିଳି ନବବେଶେ ।
ରତ୍ନାକର ସମ ବିଭବଶାଳିନୀ
ଅବନ୍ତିକା ଶୁଭ୍ର ସଙ୍ଗଧମାଳିନୀ ।
ଧରି ବକ୍ଷେ ସ୍ୱେଚ୍ଛେ ଧରି ନବ ଜ୍ୟୋତି
ଧରା ବକ୍ଷ ଶୋଭୀ କିବା ଗଜମୋତି ।

Digitized by srujanika@gmail.com

ସଉଧ ଶିଖର   ଆଲୋକ ଆବଳୀ
ମୋତି ଚୂଡ଼େ ଅବା   ମାଣିକ୍ୟର ଝଳ ।
ହେମଚଞ୍ଚୁ ଯୁକ୍ତ   ଉଡ୍ଡୀନ ମରାଳ
ସମେ ଶୋଭାପାଏ   ଦୋଳିତ ଚରାଳ ।
ନଗର ପ୍ରାନ୍ତର   ଶ୍ୟାମ ବନରାଜି
ବସ୍ତ୍ରଛଳେ ଧରି   ଅଙ୍ଗ ଅଛି ସାଜି ।
ଲତା ବେଣୀ ବନ   କୁସୁମେ ଶୋଭିତ
କୋରକିତ ଥୋକେ   ଭୂତଳେ ପତିତ ।
ଭୃଙ୍ଗ ଶୃଙ୍ଗଧାରୀ   ଭୂଧର ବୀଥିକା
ଶୋଭେ ମଞ୍ଜ:ପରି   ନୀଳ ଯବନିକା ।
ଜ୍ୟୋତ୍ସ୍ନା ବିଭୂଷିତା   ସାତ୍ତ୍ୱିକା ଧରଣୀ
ସ୍ତବ୍ଧେ ଅନୁସରେ   ପ୍ରଭାତ ସରଣୀ ।
ନିଶାପତି ଘୋଟେ   ପଦ୍ମ ଉନ୍ମୋଚିତ
ରଙ୍ଗମଞ୍ଚ ହେଲା   ନୂତନ ଆଲୋକିତ ।
ଷଟ୍ପଦ ଘୋଷିତ   ଗୁଣୁ ଗୁଣୁ ସ୍ୱନେ
ରତ ହୋଇ ପୂତ   ମନ୍ତ୍ର ସୁପଠନେ ।
ପ୍ରଥମରେ ଆସୁଁ   ପ୍ରଭାତ ସୁନ୍ଦରୀ
ନିସ୍ତବ୍ଧତା ଗଲା   ହୃଦେ ଅପସରି ।
ବିଶ୍ୱ ବିମୋହନ   ବନ୍ଧୁ ବନ୍ଦୀ ତାନେ
ସୁବଳ ପ୍ରଭାତ   ପରଭୃତ ଗାନେ ।

Digitized by srujanika@gmail.com

ବାୟୁଁ ଉତ୍ତାପରେ ଆଶ୍ରି ବୃନ୍ତଡ଼ାଳ
ନଯୋଗିଲେ ସୁରେ ଗାନ ସଂଗେ ତାଳ ।
ଶ୍ରବଣେ ନାଦିଲ ଦୋବାନ୍ଧି ପେଚକ
ମିଳିଲ ଖବର ଆଗମ ସୂଚକ ।
ଶଙ୍ଖ ସୁନ୍ତ ଜାଣି ରବି ଆଗମନ
ପୁରେ ପୁରେ ଦେଲ ନବ ଜାଗରଣ ।
ଚଞ୍ଚଳ ନର୍ତ୍ତକୀ ଚୂଳୁ ଚୂଳେ ନାଦେ
ନୃତ୍ୟ କଲ ଚୁଳେ ମନର ଆହ୍ଲାଦେ ।
ଦିବା ଅଭିନନ୍ଦ- ଦର୍ଶକ ତପନ
ଆବେଦନ କଲେ ପ୍ରାଚୀ ସିଂହାସନ ।
ପ୍ରାଚୀ କୋଳେ ନବ ଜ୍ୟୋତି ଉଦ୍ଭାସିତ
ନବୀନ କୁସୁମ ହେଲେ ବିକଶିତ ।
ପଦ୍ମିନୀ ସୁନ୍ଦରୀ ହରଷ ଅନ୍ତରେ
ରସଦାନୀ ହେଲ ଲମ୍ପଟ ଭ୍ରମରେ ।
କୁମୁଦିନୀ କର ମୁଦ୍ରିତ ବଦନ
ବୋଲେ ପଙ୍କଜିନୀ ଧିକ ତୋ ଜୀବନ ।
ଜଣାଗଲ ତୋର ରୂପ ଗରବିଣୀ
ନିଜେ ନ ପାରୁଛୁ ନିଜକୁ ତୁ ଚିହ୍ନି ।
ଜଗତେ ମହତ ଅଟନ୍ତି ତୋ ପତି
ତଥାପି ରହିଲୁ ଲମ୍ପଟେ ପୀରତି ।

Digitized by srujanika@gmail.com

ଚଢ ଯୋଗୁଁ ଯିନା
ରୂପ ତୋ ସୁନ୍ଦର
ଜନ ମନ ରଞ୍ଜି
ଚାଉଛୁ ଆଦର ।
ନ ପାରବ ଦେଖି
ମୁଁ ତୋହର ସୁଖ
କହି କୁମୁଦନୀ
ଫୋଡଦେଲ ମୁଖ ।

ସ୍ନାନ ଅନ୍ତେ ବିପ୍ର
ମୁଖୁଁ ଉଚ୍ଚାରଇ
ହରି ନାମ ଧ୍ୱନି
କଲା ମୁଖରଇ ।
※ ପ୍ରାତଃ କର୍ମ ସାରି
ବିପ୍ର ଦାମୋଦର
ଶାସ୍ତ୍ରେ ରତ ନବେଶୀ
ମାନସ ଭ୍ରମର ।

ପ୍ରଭୁ ପାଦ ପଦ୍ମ
ମକରନ୍ଦ ପାନେ
ରତ ହେଲେ ଚିତ୍ତ
ରଖି ଏକ ଧ୍ୟାନେ ।
ଦାରିଦ୍ର୍ୟ ଯନ୍ତ୍ରଣା
କୁଟୀର ନିବାସ
ସାତ୍ତ୍ୱିକତା ହେତୁ
ଦେଉ ନାହିଁ ତ୍ରାସ ।

ସ୍ୱଭାବ ଶାନ୍ତିରେ
ଆଶ୍ରିତ ଯେ ଜନ
ଜଣି ପାଟର ହେଲେ
ଦୁଷ୍ଟ ରିପୁ ଗଣ ।
ବିଭବ ବିଳାସ
ଆଶା ପିପାସିନୀ
† ସୁମତୀ ସୌଭାଗ୍ୟେ
ସଦା ଅଭାଗିନୀ ।

※ ଦାମୋଦର—ସ୍ୱନାମକୀର୍ତ୍ତିତ ସୁଦାମା
† ସୁମତୀ—ସୁଦାମାଙ୍କ ପତ୍ନୀ

Digitized by srujanika@gmail.com

ସମ୍ପଦ ଲଳସା   ପୋଷି ନିରନ୍ତର
ଯନ୍ତ୍ରଣା ସଞ୍ଚିତ   କ୍ଷୀଣ କଳେବର ।
କାନ୍ତ ପାଖେ ମିଳି   ନତ କରି ମଥା
ନିବେଦିଲେ ଦୁଃଖେ   ହୃଦୟର ବ୍ୟଥା ।
ଚକ୍ଷୁ ବୁଜି ହସ୍ତ   ଯୋଡ଼ି ପଦ୍ମାସନେ
ବସି କୃଷ୍ଣ ନାମ   ନିରତ ଭଜନେ ।
ଜୀବନ ଧାରଣେ   ଲୋଡ଼ା ହୁଏ ଯାହା
କର୍ତ୍ତବ୍ୟ ବିହୁନେ   ମିଳିବ କି ତାହା ।
ଭଗ୍ନ କଦାକାର   କୁଟୀର ଆକାର
ଧରିବ କି ଉଚ   ସଉଧ ପ୍ରକାର ।
ଦାରିଦ୍ରତା ଯୋଗୁଁ   ପାଇ ଅବସର
ଅକାଳେ ବାର୍ଦ୍ଧକ୍ୟ   ଭେଟେ କଳେବର ।
ମାୟା ବନ୍ଧେ ଯେଣୁ   ପଡ଼ିଛୁ ହେ ନାଥ
ଚଳିବ କେସନେ   ନତ କଲେ ମାଥ ।
ଗୃହସ୍ଥ ଆଶ୍ରମେ   ସଂସାରିକ ମତେ
ଚଳିବାକୁ ହେବ   କର୍ମମୟ ପଥେ ।
ପରଂବ୍ରହ୍ମ ପଦେ   ନିତ୍ୟ ଥିବ ଚିତ୍ତ
ଭାଗ୍ୟେ ଅନୁସରି   ଅର୍ଜିବ ବିତ୍ତ ।
ଚିତ୍ତ ହେଲେ ଚିତ୍ତ   ଦେବ ପରହସ୍ତେ
ନିସ୍ୱାର୍ଥରେ ସଦା   ଥିବ ତରକତେ ।

Digitized by srujanika@gmail.com

ଏ ରୂପେ ଆଚର ସାତ୍ତ୍ୱିକ ବରତ
ଅବହେଳେ ଲଙ୍ଘ ପ୍ରପଞ୍ଚର ପଥ ।
ଭୃଣରାଜ ନାମ ପାଦପେ କଥିତ
ପଥ ପାର୍ଶ୍ୱଦେଶେ ହୋଇ ବରଜିତ ।
ନଭସ୍ପୃଷ୍ଟୀ ଶିର ପ୍ରଶସ୍ତ ପଲ୍ଲବ
କିନ୍ତୁ ଛାୟା ଦାନ ତା ପକ୍ଷେ ଦୁର୍ଲ୍ଲଭ ।
ତଥା ଜୀବ ଶ୍ରେଷ୍ଠ ମାନବ ଜନମ
ଲଭି ଯେ ନ କରେ ପରହିତ କର୍ମ ।
ସ୍ୱାର୍ଥ ରଥେ ବସି ଚଳେ ସ୍ୱାର୍ଥ ପଥେ
ବୃଥା ତା ଜନମ ଏ ମର ଜଗତେ ।
ଏଣୁ ନାମ ଦେନି ଦାସୀ ନିବେଦନ
ସତ୍ୟ ପଥେ କର ଧନ ଅରଜନ ।
ଧ୍ୟାନ ରତ ଭକ୍ତ ମୁଦ୍ରିତ ନୟନେ
କାନ୍ତା ନିବେଦନ ନ ଶୁଣୁ ଶ୍ରବଣେ ।
ବିରସ ବଦନେ ବସିଲେ ସୁମତି
ବିଭବ ବିଳାସ ବାସନାରେ ମତି ।

Digitized by srujanika@gmail.com

ଦ୍ୱିତୀୟ ଛାନ୍ଦ

ବୃତ୍ତ—କଳହଂସ କେଦାର

ପୂଜା ଶେଷରେ ବିପ୍ର   ହାସ୍ୟ ବଦନେ
ପ୍ରକାଶିଲେ କୋମଳ   ଧୀର ବଚନେ ।
ସମ୍ପଦ ଅଟେ ସଦା   ବିପଦ ଖଣି
ନ କର ବାଞ୍ଛା ଆଗୋ   ପ୍ରାଣ ମିତଣୀ ।୧।
ଦୂର ପର୍ବତ ମନ   ନୟନ ହରେ
ନିକଟେ ଗଲେ ଭୟେ   ହୃଦୟ ଥରେ ।
ଧନ ଆସକ୍ତ ଜନ   ହୋଇ ଚେତନ
ଲଭ କରନ୍ତି କ୍ଲେଶ   ଭବ ବନ୍ଧନ ।୨।
ପାଦପ ଦେହେ ସଦା   ଆଶ୍ରି ଲତା
ସମ୍ପଦ ଆଶା କ୍ଲିଷ୍ଟ   ମାନବ ତଥା ।
ଅନିତ୍ୟ ଯେଣୁ ଧନ   ଜୀବନ ଭବେ
ତଟିନୀ ତଟ-ତରୁ   ଦଶାକୁ ଲଭେ ।୩।
ସମ୍ପଦ ଯୋଗେ ସଦା   ଚଞ୍ଚଳ ମତି
ଯୌବନ ମଦେ ଯଥା   ନବ ଯୁବତୀ ।
ସୁନ୍ଦର ରୂପ ଖଳ   ପ୍ରକୃତ ନାରୀ
ସମାନ ଅଇଶ୍ୱର୍ଯ୍ୟ   ଅଟେ ଭିକାରି ।୪।
ସାଧୁ ହୁଅଇ ଯଦି   ଧନ କରତା
ଇଚ୍ଛଇ ହରିବାକୁ   ଦରିଦ୍ର ବ୍ୟଥା ।
ଅସାଧୁ ହୁଏ ଯଦି   ଧନାଧୀଶ୍ୱର
ଇତରେ ମଣିଥାଏ   ପଦ କଙ୍କର ।୫।

Digitized by srujanika@gmail.com

ଐଶ୍ୱର୍ଯ୍ୟ ମଦେ ମତ୍ତ ଭୋଗରେ ମଜ୍ଜି
ନରଙ୍କୁ ତେଜିଥାଏ ଜ୍ଞାନ ବରନ୍ତ ।
ଅଦ୍ଭୁତ ଦ୍ରୁତ ବୋଧ ହୁଏ ସତତ
ମାୟା ତମିରେ ଥାକୁ ନ ଦିଶେ ପଥ ।୬।

କନକ ତନୁ ଯଥା ଅନଳେ ଦଗ୍ଧ
ତେଜ ପ୍ରକାଶି ଜନ ମନ ରଞ୍ଜଇ
ଦୁଃଖ ଅନଳେ ତଥା ନ ଦେଲେ ହ୍ରାସ
ମାନବ-ମାନବତା କାହିଁ ପ୍ରକାଶ ।୭।

ଲଳସି ହରି ପ୍ରେମ ଅମୃତ ଭୋଗ
ବନ୍ଧୁ ଭକତେ କାହିଁ ସମ୍ପଦ ଯୋଗ ।
ଭବେ ଅଭବେ ସଦା ଥାଏ ସନ୍ତୋଷ
ଦିବସ ଲଭେ ଯଥା ଉଷା ପ୍ରଦୋଷ ।୮।

ଦୃଢ଼େ ବୋଲଇ ମୋର ଅଛନ୍ତି ହରି
ଘୁର ବିପଦ ମୋର କି ପାରେ କରି ।
ବାସ, ବସନ, ଧନ, ରତନ, ମାନ
ହରି ଭକତ ନେନେ ତୃଣ ସମାନ ।୯।

ନିରନ୍ତ ହରି ନାମ ଭଜନେ ସୁଖ
ଲଭ କରଇ ଆନେ ମଣଇ ଦୁଃଖ ।
ଅଳୀକ ସୁଖ ଭୋଗ ମର ଜଗତେ
କାମନା କଣ୍ଟା ସମ ନିର୍ବାଣ ପଥେ ।୧୦।

Digitized by srujanika@gmail.com

ଶୁଣି ସୁମତୀ ଦୁଃଖେ   ଚଳକୁ ଗୃହଁ
ଚିନ୍ତା ସରିତେ ଚିତ୍ତ   ଦେଲେ ବୁଡ଼ାଇ ।
ବୋଇଲେ ପ୍ରାଣନାଥ   ନ ଥାଇ ଚିତ୍ତ
ସଂସାରୀ ଜନ କେବେ   ନୁହେଁ ନିଶ୍ଚିନ୍ତ ।୧୧।
କ୍ଷୁଦ୍ର ପିମ୍ପୁଡ଼ି ଦେଖ   ଚତୁର ଚିତ୍ତେ
ସଞ୍ଚୟ କରେ ଚିତ୍ତ   ଆପଣା ଧ୍ୱତେ ।
ତହିଁରୁ ହୀନ ଆମ୍ଭ   ଘର କରଣା
ହେବାରୁ ବୁଦ୍ଧି ମୋର   ହେଉଛି ବଣା ।୧୨।
ଭାଷିଲେ ଦ୍ୱିଜ ଧୀର   ମଧୁର ଗିର
ସ୍ଥିର ସମ୍ପଦ ଆଣେ   ନୁହ ଅଧୀର ।
ଥୟୁ ତୁ ଧର ମତ   ନୋହୁ ଚଞ୍ଚଳ
ତଟିନୀ ତଟେ ଯଥା   ସ୍ଥିର ଅଚଳ ।୧୩।
ପାଦପ ଫଳ ଲମ୍ବେ   ଧୀର ସମୀରେ
ଚଞ୍ଚଳ ବାତ ଘାତେ   ପଡ଼େ ଭୂମିରେ ।
ଧର ଧୈର୍ଯ୍ୟ ସଖି   ଦେବ ସାନ୍ତ୍ୱନା
ଦୀନବନ୍ଧୁ ଫେଡ଼ିବେ   ସର୍ବ ଯାତନା ।୧୪।
ସମାବତାରେ ଜାଣି   ନାହିଁ କି ସଖି
ଗଜଭମୀ ତାରିଲେ   ପଦ୍ମର ରଖି ।
ବାଳକ ପ୍ରହ୍ଲାଦ   ଧ୍ରୁବ କୁମର
ଭକ୍ତି ଯୋଗେ ଲଭିଲେ   ପଦ ଅମର ।୧୫।

Digitized by srujanika@gmail.com

ଏଣୁ ଗୋ ପ୍ରିୟ ସଖି କହୁଛନ୍ତି ମୁହିଁ
ଧର ଚରଣ ଆଶ୍ରା କରଯା ତୁହିଁ ।
ଆରତେ ଚନ୍ଦ୍ର ଆର୍ତ୍ତତ୍ରାଣ ନାମକୁ
କୃତାର୍ଥ ହେବୁ ଲଭ ସୁଖ ଧାମକୁ ।୧୬।
ଭିକ୍ଷା ଝୁଲି ମୋ ବେଗେ କର ବାହାର
ଭୁଲ ପାଳିବ ଧର୍ମ ସତ୍ର ଦୁଆର ।
ଊର୍ଦ୍ଧ୍ୱ ଗଗନେ ଆସି ଦିନନାୟକ
ହେଲେଣି ପଥେ ହେବେ ଦୁଃଖଦାୟକ ।୧୭।
ଚଳ ପ୍ରତିମା ପ୍ରାୟେ ସୁମତି ଯାଇ
ନୀରବେ ଝୁଲି ଆଣି ଦେଲେ ବଢ଼ାଇ ।
ଚିତ୍ତ ସମର୍ପି କୃଷ୍ଣ ପଦ ସାରସେ
ଚଳିଲେ ଭକ୍ତ ଭିକ୍ଷା ପଥେ ହରଷେ ।୧୮।
ସୁମତି ଯୋଡ଼ି ମୁଖ କୁଟୀ ପ୍ରାଙ୍ଗଣେ
ନୀରବେ ନଇରାଶ୍ୟ- ପୂର୍ଣ୍ଣ ବଦନେ ।
ବସିଲେ ହୃଦେ ଚିନ୍ତି ପରାଣକାନ୍ତ
ଲୋତକେ ଭରୁଥିଲ ନୟନ ପ୍ରାନ୍ତ ।୧୯।
ନିର୍ଜନେ ଦୁଃଖାନଳ ହେଲ ପ୍ରବଳ
ବେଦନ ଭଲେ ହୋଇ ଅତି ବିକଳ ।
ଡାକିଲେ ଦୀନନାଥେ ଦୀନ ଗୁହାରି
ଶୁଣିବା ପାଇଁ ପ୍ରଭୁ ହେଲ କି ଧର ? ।୨୦।

Digitized by srujanika@gmail.com

ସମଦରଶୀ ତୁମ୍ଭେ   ସୃଷ୍ଟି କାରକ
ସକଳ ପ୍ରାଣୀ କର୍ମ   ଫଳ ଧାରକ ।
ଅମୀୟ ଲଭେ ଧନୀ   ଲଭି ଆଶିଷ
ଦରିଦ୍ର ଭାଗ୍ୟେ କିଆଁ   ଫଳଇ ବିଷ ? ।୨୧।
ସକଳ ଭୂତେ ଆତ୍ମା   ବୋଲଅ ହରି
ଦରିଦ୍ର ଆତ୍ମା ତହିଁ   ନୁହେଁ କି ସରି ।
ଜନେ ବୋଲନ୍ତି ତୁମ୍ଭେ   ଜଗତ ପିତା
ଦୀନ ସୁତଙ୍କୁ ତବ   ଲଗେ କି ତିତା ? ।୨୨।
କଣ୍ଟକ କରେ ପ୍ରଭୁ   ଚକ୍ର ଧାରଣ
ଅଛୁ କି ତହିଁ ଉଚ   ନୀଚ ବାରଣ ।
ବୋଲଅ ଯେଣୁ ତୁମ୍ଭେ   ଜଗତ ନାଥ
ଚରଣ ତଳେ ଦୁଃଖୀ   ପାତୁଛି ହାତ ।୨୩।
କୃପା ସରିତ ପତି   ହୋଇ ଆପଣ
କୃପା ସଳିଳ ଦାନେ   କିଆଁ କୃପଣ ।
ନବ ନୀରଦ ତନୁ   ନୀରଦବତ
ମୋ ଚିତ୍ତ ଚାତକକୁ   କର ତୃପତ ।୨୪।
ଆକାଶ ମାର୍ଗେ ସତୀ   ଦେଲେ ଜଣାଇଁ
ମଧ୍ୟ ଗଗନେ ଛନ୍ତି   ଦିବସ ସାଇଁ ।
କାନ୍ତ ଆଗମ ଆଶା   କରି ଘୋଷଣ
ବସିଲେ ବସ୍ତ୍ର ଚକ୍ରୀ   ଟୋପୁ ଭକ୍ଷଣ ।୨୫।

Digitized by srujanika@gmail.com

ତୃତୀୟ ଛାନ୍ଦ

ନଳିନୀଗୌଡ଼ା ବୃତ୍ତ

ପ୍ରଚଣ୍ଡ ମାର୍ତ୍ତଣ୍ଡ ତାପେ ତାପିତ ଧରଣୀ
ମରୀଚିକା ଉପୁଙ୍କଶ୍ରୀ ବିଜନ ସରଣୀ ଯେ ।
ବିଭାବସୁ * ଖର ରଶ୍ମି ବିଭାବସୁ § ବତ
ବିଭାସିତେ ବିହଙ୍ଗମେ କରଇ ବିବ୍ରତ ଯେ ।
ପଲ୍ଲବ ଛଇ ଉହାଡେ ଥର ଥର କଣ୍ଠେ
ବସିଛନ୍ତି ଖଗେ ଯଥା ଯୋଗୀ ଜନ ମଠେ ଯେ ।
ନିଦାଘ ଆସରେ, ଧୀର ସ୍ମିତ ପ୍ରଦର୍ଶନେ
ପଥିକେ ଅଥୟ କରେ ତାପ ବରଷଣେ ଯେ ।
ଭିକ୍ଷ ଜୀବୀ ବନ୍ଧୁ ଭକ୍ତ ବିପ୍ର ଅଜ୍ଞାତରେ
ସହନ୍ତି ଆତପ କଷ୍ଟ ନିର୍ଜନ ପ୍ରାନ୍ତରେ ଯେ ।
ଭିକ୍ଷାଲବ୍ଧ ସ୍ୱଳ୍ପ ମୁଷ୍ଟି ତଣ୍ଡୁଳର ଗଣ୍ଠି
ବିଲମ୍ବିତ କଣ୍ଠେ ଯଥା ଶିବ-ବୃଷ-ଘଣ୍ଟି ଯେ ।
ସ୍ୱେଦ ବିନ୍ଦୁ ବିନ୍ଦୁ ପ୍ଲାବେ କେଶ ହୀନ ଶିରେ
ଦିଶେ ଯଥା ଶୀତ ତରୁ ପଲ୍ଲବ ଶିଶିରେ ଯେ ।
ବିଷାଦ ବିହୀନ ହୃଦ ମନର ଆନନ୍ଦେ
ତଣ୍ଡୁଳ ଗଣ୍ଠିରେ କର ଚିତ୍ତ ବନ୍ଧୁ ପଦେ ଯେ
ସମର୍ପି, ପ୍ରବେଶ ହେଲେ କୁଟୀର ପ୍ରାଙ୍ଗଣେ
ବିପ୍ର ପତ୍ନୀ ଥିଲେ କାନ୍ତ ପଥାନୁସରଣେ ଯେ ।

* ସୂର୍ଯ୍ୟ § ଅଗ୍ନି

ମୃତ୍ତିକା ନିର୍ମିତ ଘଟେ ସୁନିର୍ମଳ ଜଳ
ଆଣି ଧୋଇଦେଲେ ସ୍ୱାମୀ ଚରଣ ଯୁଗଳ ଯେ ।
କରେ ଘେନି ଛିନ୍ନ ତାଳ- ବୃନ୍ତର ବ୍ୟଞ୍ଜନ
ସ୍ୱେଦ ସିକ୍ତ ଅଙ୍ଗେ କଲେ ସତ୍ୱରେ ବୀଜନ ଯେ ।
ଶ୍ରମ ଶାନ୍ତି ଅନ୍ତେ ବିପ୍ର କରି ଜଳ ପାନ
କୁଶାସନେ ବସି କଲେ କୃଷ୍ଣ ନାମ ଗାନ ଯେ ।
କାନ୍ତ ପଥ ଅନୁସରି ସୁମତେ ସୁମତି
କ୍ଷୁଧାନଳେ ଜଳ ଦାନେ ତୋଷ କଲେ ମତି ଯେ ।
ଭିକ୍ଷାଲବ୍ଧ ତଣ୍ଡୁଳରେ ସିଦ୍ଧ କରି ପାକ
ଭୋଜନାର୍ଥେ ଜଳ ଘେନି ବିପ୍ରେ ଦେଲେ ଡାକ ଯେ ।
ଏ ସମୟେ ଆସି ଏକ କ୍ଷୁଧାର୍ତ୍ତ ବ୍ରାହ୍ମଣ
ଅନ୍ନ ଭିକ୍ଷା ପାଇଁ ବିପ୍ରେ କଲେ ନିବେଦନ ଯେ ।
ଶୁଣି ସୁଦାମା ସହସା ହରଷ ଅନ୍ତରେ
ଡାକ ଦେଇ ସୁମତୀଙ୍କି ବୋଇଲେ ସତ୍ୱରେ ଯେ ।
ଅତିଥି ହୋଇବେ ଯହିଁ ଗୃହେ ଉପଗତ
ଆହାର ଦେଇ ବିନୟେ ଭାଷିବ ସ୍ୱାଗତ ଯେ ।
ସ୍ୱାଗତ ଭାଷଣେ ଅଗ୍ନି, ଇନ୍ଦ୍ର ଆସନରେ,
ପଦ ଧୌତେ ପିତୃଗଣ, ବ୍ରହ୍ମା ଭୋଜନରେ ଯେ ।
ସନ୍ତୋଷ ଲଭ କରନ୍ତି ଆଗୋ ସୁଲୋଚନେ
ତେଣୁ ଯାଗୁଁ ଯାଗେ ଏହା ରଖି ଥାଅ ମନେ ଯେ ।
ଯାଇ ତହୁଁ ସୁମଧୁରେ କରି ସମ୍ଭାଷଣ
ଅତିଥିଙ୍କି ସଙ୍ଗେ ଘେନି ଆସିଲେ ବ୍ରାହ୍ମଣ ଯେ ।

Digitized by srujanika@gmail.com

"କର ଗୋ କଲ୍ୟାଣୀ ଆଗେ   ଅତିଥି ସତ୍କାର"
ଭଦ୍ର କଲେ ଆଗନ୍ତୁକେ   ଉଚିତ ବେଭାର ଯେ ।
ସ୍ୱାମୀଠାରୁ ପତ୍ନୀ କଲ   ଦ୍ୱିଗୁଣ ଆଦର
କରନ୍ତି ପରିବେଷଣ   ହୋଇ ତତପର ଯେ ।
ଭୋଜନୁ ଅଧିକ ସୁଖ   ଲଭି ବ୍ୟବହାରେ
ବିଦାୟ ହୋଇ ଅତିଥି   ଚଳିଲେ ବାହାରେ ଯେ ।
ବଳିଥିବା ଅନ୍ନତକ   କାନ୍ତେ ଦେଲେ ବାଢ଼ି
ସୁମତୀ ସକାଶେ ଛତ୍ର   ଥୋକେ ଗଲେ ଗୁଡ଼ି ଯେ ।
ସ୍ୱାମୀ ପଶଛୁଡ଼ା ଅନ୍ନ   ଭୁଞ୍ଜି ହେଲେ ତୋଷ
ଦରିଦ୍ର ଘର କରଣା   କାରେ ଦେବେ ଦୋଷ ଯେ ।

× × ×

ବିଶ୍ୱପତି ବିଶ୍ୱଜନ   ବିଶ୍ରାମ ସକାଶେ
ବିଶ୍ୱାଲୋକ ବେନି ଭାଗେ   ରଖିଲେ ଆକାଶେ ଯେ ।
ଦିବାଲୋକ ଲୁଚାଇଲେ   ବାରୁଣୀ ଅଞ୍ଚଳେ
ନିଶାଲୋକ ପ୍ରକାଶିଲେ   ପୂରୁବେ ଚଞ୍ଚଳେ ଯେ ।
କ୍ରମେ ଉଚ୍ଚ ଉଚ୍ଚତର   ତହୁଁ ଉଚ୍ଚତମ
ଏକରୁ ଆରେକ ତହୁଁ   ତା ତହୁଁ ଉତ୍ତମ ଯେ ।
ମଣିମୟ ହୀରମାଳ   ହେନ ଉପହାର
ଧରଣୀ ସଙ୍ଗମେ ଆସେ   ନୀଳ ପାରାବାର ଯେ ।
ନିଶା ଆଗମନେ ମନ୍ତ୍ରି   ଶଙ୍କିତ ହେଲଣି
ଝିଙ୍କାରି ଝିଁ କୁତ ସ୍ୱନେ   ସଙ୍କେତ ଦେଲଣି ଯେ ।

Digitized by srujanika@gmail.com

ଭୂମି ଉପରେ ଛିନ୍ନାସନେ ବିପ୍ର ଦାମୋଦର
ଆନନ୍ଦେ ଶାୟିତ ଚିନ୍ତି ଗୋବିନ୍ଦ ପସ୍ମର ଯେ ।
ପଦ ପାଶେ ବସି ବିପ୍ର ଘରଣୀ ସୁମତି
କ୍ଳାନ୍ତି ନିବାରଣ ପାଇଁ ଚରଣ ଚିପନ୍ତି ଯେ ।
ଏକାଳେ ଶୁକ୍ଳ ବର୍ଣ୍ଣ ଧବଳ ପୂର୍ଣ୍ଣ ଶଶୀ
କୁଟୀର ଛିଦ୍ରେ ଦର୍ଶନ ଦେଲେ ହସି ହସି ଯେ ।
କିରଣ ପରଶେ ତମ ଗଲା ଅପସରି
କୁଟୀର ଗରଭେ ଗଲା ଆଲୋକ ସଞ୍ଚରି ଯେ ।
ଦେଖି ବିପ୍ର ପତ୍ନୀ ଦୁଃଖେ ନତ କରି ମଥା
ବୋଇଲେ ଦେଖ ହେ ସ୍ୱାମୀ କୁଟୀର ଅବସ୍ଥା ଯେ ।
ଆଜ ଚନ୍ଦ୍ରାଲୋକେ ଗୃହ ହେଲା ଆଲୋକିତ
କାଲି ବର୍ଷା ଜଳ ଯୋଗେ ହୋଇବ ପ୍ଲାବିତ ଯେ ।
ମୃତ୍ତିକା ନିର୍ମିତ କୁଟୀ ହୋଇବ ବିନଷ୍ଟ
କେମନ୍ତେ ସହିବା ନାଥ ବାସ ନାଶ କଷ୍ଟ ହେ ।
ବହିଗଲା ନୟନରୁ ନୀର ଝର ଝର
ତର ତରେ ଉଠି ବିପ୍ର ଧେନି ପ୍ରିୟା କର ଯେ ।
ବୋଇଲେ ଏଥିକୁ ସହ ନୁହ ତ କାତର
ବିନାଶ ଲଭିବ ଦିନେ ଏହି କଳେବର ଯେ ।
କଳେବର କଥା ତୁମେ ଭୁଲିଗଲ ଯତନେ
କୁଟୀର ପାଇଁକି ଆଜ ନ ଚିନ୍ତିବ ମନେ ଯେ ।
ଦେଖ ଏ କୁଟୀରେ ଆମ୍ଭ ଦେବଙ୍କ ବସତି
କଳେବର ମଧ୍ୟେ ଜୀବ ପରମ କ୍ରୀଡ଼ନ୍ତି ଯେ ।

Digitized by srujanika@gmail.com

ଷଡ଼ ଛିଦ୍ର ରହିଅଛି   ଷଡ଼ ରିପୁ ସମ
ଗୁହ୍ୟ, ଲିଙ୍ଗ, ମୁଖ, ନାସା,   ଶ୍ରବଣ, ନୟନ ଯେ ।
ଅସାର ସଂସାରେ ସାର   ମାନବ ଜୀବନ
ଶରୀର ସ୍ୟନ୍ଦନେ ନିତ   କରେ ବିଚରଣ ଯେ ।
ଅଶ୍ୱ ରୂପେ ଯୋଗୁ ତହିଁ   ପ୍ରକୃତି ନିକରେ
ଚଞ୍ଚଳ ମାନସ ବସେ   ସାରଥି ପଣରେ ଯେ ।
ବାଗ ଡୋରି ରୂପେ ଯେନି   ଇନ୍ଦ୍ରିୟଗଣଙ୍କୁ
ହୁଙ୍କାର ଶବଦେ ରଥ   ଚଳାଏ ଆଗକୁ ଯେ ।
ଯେତେ ଦୂର ଗଲେ ପଥ   ହୁଏ ନାହିଁ ଭ୍ରାନ୍ତ
ଦୁର୍ବୃତ୍ତ ସାରଥି କେବେ   ହୁଏ ନାହିଁ ଶାନ୍ତ ଯେ ।
କାନ୍ଥ ପକ୍ଷି, ବିଳବିଳ   କାଳର ଭବଲେ
ଧରଣୀରେ ପଡ଼ ଷଷ୍ଠ   ଲଭନ୍ତି ସକଳେ ଯେ ।
ଜୀବ ପରମ ଏ ବେନି   ନଶ୍ୱର ଜଗତ
ତେଜି ପଳାବନ୍ତି   ଅନୁସରି ଛିଦ୍ର ପଥ ଯେ ।
ସେହିପରି ଆମ୍ଭ ଏହି   କୁଟୀର ନିର୍ମାଣ
ବିନଷ୍ଟ ହୋଇଲେ ଏଥୁଁ   ଯିବା ଅନ୍ୟ ସ୍ଥାନ ଯେ ।
ବୋଇଲେ ସୁମତୀ ଶୁଣ   ଆହେ ପ୍ରାଣକାନ୍ତ
ଅଜ୍ଞାନ ତିମିରେ ପଡ଼   ମୁହିଁ ପଥ ଭ୍ରାନ୍ତ ଯେ ।
ନାରୀ ଯେଣୁ ସ୍ୱାମୀ ସୁଖ   ଦର୍ଶନ ପ୍ରୟାସୀ
ନିଜ ସୁଖ ଉପଭୋଗେ   ନୁହେ ଅଭିଳାଷୀ ଯେ ।

Digitized by srujanika@gmail.com

ସହି ନ ପାରିବି ନାଥ ତବ ଏ କଷଣ
ଅବଶେଷେ କରିବି ମୁଁ ପ୍ରାଣ ବିସର୍ଜନ ଯେ ।
ଶୁଣିବ ଯେବେ ମୋ କଥା ଉପାସ୍ୟେକ ଦେବି
ନ ଶୁଣିଲେ ଦିବାକ୍ଷତ ❊ ମୃଗୀ ପ୍ରାପ୍ୟ ହେବି ଯେ ।
ଶୁଷ୍କ ବଦନରେ କ୍ଷୀଣ ହାସ୍ୟ ରେଖା ଟାଣି
"କହ ଗୋ" ବୋଇଲେ ବିପ୍ର ଶୁଣି ପ୍ରିୟା ବାଣି ଯେ ।
ଅଧୀରେ ଅଧର ଖୋଲି ସୁମଧୁର ଗିରେ
ବିଷାଦେ ଭାଷିଲେ କାନ୍ତେ ସୁମତୀ ସୁଧୀରେ ଯେ ।
ଦୁଃସହ ଦୁର୍ଦ୍ଦଶା ନାଥ ଦାରିଦ୍ର୍ୟ ଯାତନା
ଦରିଦ୍ରତା ଯୋଗୁଁ ହଜେ ମାନବ ଚେତନା ଯେ ।
ଭିକ୍ଷା ଲବ୍ଧ ଧନେ କେତେ ଧରିବା ଜୀବନ
ଗଣ୍ଡୂଷ ଜଳେ କି ହୁଏ ତୃଷା ନିବାରଣ ଯେ ।
ତିମିର ନାଶଇ ଯଥା ଉଇଁ ନିଶାପତି
ସ୍ୱକଦତ୍ତ ବିତ୍ତେ ତଥା ଦରିଦ୍ର ଦୁର୍ଗତି ଯେ ।
ଯଦୁବଂଶ ଅବତଂସ ଦ୍ୱାରକାଧିପତି
ଛାମୁରେ ଜଣାଅ ଆମ୍ଭ ସକଳ ଦୁର୍ଗତି ହେ ।
ବନ୍ଧୁ ପଣେ ଯାଇ ଥରେ ଆସିବ ସଂଖୋଳି
ଏକା ଦେଖି ମନ କଥା କହିଦେବି ଖୋଲି ହେ ।

❊ ଦିବାକ୍ଷତମୃଗୀ—ଶରହତ ମୃଗୀ ଦିବସରେ ମକ୍ଷିକାମାନଙ୍କ ଦ୍ୱାରା ଯେଉଁ ଦଶା ଭୋଗ କରେ ।

Digitized by srujanika@gmail.com

ତାଙ୍କ ଯୋଗେ ଏକା ଆମ୍ଭ ଦୁଃଖ ଅନ୍ଧକାର
ଦୁଷ୍ପୂର ହୋଇବ ଲଘୁ ଚିନ୍ତା ଗୁରୁଭାର ହେ ।
ଯାଅ ନାଥ ଯେନି ଥରେ ଦାସୀ ନିବେଦନ
ନିସ୍ତାର କରିବେ ନାହିଁ କେବେ ଜନାର୍ଦ୍ଦନ ହେ ।
ଶ୍ରବଣେ ଏ ବାଣୀ ବିପ୍ର ବିସ୍ମିତ ନୟନେ
ବୋଇଲେ କଲ୍ୟାଣୀ ଏହା କହିଲ କେସନେ ଗୋ ।
ଧନେ ଉନ୍ମାଦନା ସଖୀ ଜ୍ଞାନେ ସୁବିଜ୍ଞର
ପଣ୍ଡିତେ ବାଗ୍ମିତା ମୂର୍ଖେ ଥାଏ ଅହଂକାର ଗୋ ।
କିନ୍ତୁ ଆହା ଦରିଦ୍ରର ହୃଦୟ ସରଳ
ପୀୟୂଷ ଆଶାରେ ପଡ଼ି ଲଭେ ସେ ଗରଳ ଗୋ ।
ଅଖିଳ ବ୍ରହ୍ମାଣ୍ଡନାଥ ଦ୍ୱାରକା ରାଜନ
ଅସମ୍ଭବ ଅଟେ ତାଙ୍କ ଏକାନ୍ତ ଦର୍ଶନ ଗୋ ।
ଅଷ୍ଟ ପାଟରାଣୀ ଯାଙ୍କ ଚରଣ କମଳେ
ନିତ୍ୟ ସେବା କରୁଥାନ୍ତି ସପ୍ରେମ କୁଶଳେ ଗୋ ।
ଆଜ୍ଞା ଯେନି ବ୍ରହ୍ମା ସୃଷ୍ଟି ସୃଜନ୍ତି ସତ୍ୱର
ଦେବରାଜ ଉପଦେଶ ପାଳନେ ତତ୍ପର ଗୋ ।
ଯଦୁବଂଶ ଯୋଧଗଣ ରହିଛନ୍ତି ଘେର
ଶୁଣିବାକୁ ପ୍ରଭୁ ଆଜ୍ଞା ସଦା କର୍ଣ୍ଣ ଡେରି ଗୋ ।
ଦୀନ ହୀନ ଅକିଞ୍ଚନ କିଛୁ ପଶେ ତହିଁ
କେମନ୍ତେ ପ୍ରବେଶ ହେବ କହ ପ୍ରାଣ ସହି ଗୋ

Digitized by srujanika@gmail.com

ନୀଚ ହୋଇ କଲେ କେହୁ   ଉଚ୍ଚ ଅଭିଳାଷ
ଭାଗ ହୁଏ ସଭ୍ୟେ ତାର   ଲକ୍ଷ୍ମୀ ଉପହାସ ଗୋ ।
ସଦସ୍ୟ ସହିତେ ଥିବେ   ଚାହି ମନ୍ତ୍ରୀ ଚୟ
ମୋତେ ଦେଖି ଉପହାସ   କରିବେ ନିଶ୍ଚୟ ଗୋ ।
ଦେଖି ଏ ରହସ୍ୟ ପ୍ରଭୁ   ଶ୍ରୀ ମଧୁସୂଦନ
ଲଜ୍ଜାଭରେ ଅବନତ   କରିବେ ବଦନ ଗୋ ।
କଣ୍ଠ ରୁଦ୍ଧ ହେଲ ବିପ୍ର   ନ ପାରିଲେ ଭାଷି
ଅଧୋଶାୟୀ ହେଲେ ପତ୍ନୀ   କହିଲେ ଆଶ୍ୱାସି ଯେ ।
ନ କର ବିଚାର ନାଥ,   ଏ ସ୍ତର କଥାକୁ
ନିତ ନାମ ଭଜୁଅଛୁ   ନ ଚିନ୍ତ ତାହାଙ୍କୁ ହେ ।
ଦରିଦ୍ର ବାନ୍ଧବ ଭକ୍ତ   ଜନ ଚିନ୍ତାମଣି
ଭକ୍ତ ଭାବେ ଭେଳ ବ୍ରହ୍ମା   ଶିବେ ତୁଚ୍ଛ ମଣି ହେ ।
ନ ଲଭିଲେ କଷଣ ଯେ   ଶ୍ରୀବତ୍ସଲାଞ୍ଛନେ
ଭକ୍ତ ଭବର ସେବନ୍ତି ସେ   ବ୍ରାହ୍ମଣ ଚରଣେ ହେ ।
ସେ କାହୁଁ ଧରିବେ ନାଥ,   ମାନ ଅପମାନ
ଶତ୍ରୁ ମିତ୍ର ବଡ଼ ସାନ   ଯା ନେତେ ସମାନ ହେ ।
ଏତେକ ବୋଲି ସୁମତି   ଗୃପତ୍ନି ଚରଣ
ନିଦ୍ରା ଦେବୀ କୋଳେ ବିପ୍ର   ହେଲେ ଅଚେତନ ଯେ ।

Digitized by srujanika@gmail.com

ଚତୁର୍ଥ ଛାନ୍ଦ

(ରାମକେରୀ ବୃତ୍ତ)

ପାହି ନାହିଁ, ଅଛି ଶର୍ବରୀ
ସ୍ୱପ୍ନ ଲଭ ଚେତନା
ସ୍ୱପନେ ଅଛନ୍ତି ସୁମତୀ
ଦେଖି କଲେ ଭାବନା ।
ନାରୀ ପୁରୁଷର ମିଳନ
ନିୟତିର ନିୟୋଗ
ନାରୀ ସ୍ନେହ ଲାଗି ପୁରୁଷେ
ଦୁଃଖ କରନ୍ତି ଭୋଗ ।
ସ୍ୱଭାବ ବିଳାସ ଲାଳସୀ
ପ୍ରିୟା ହୋଇଛି ଯେଣୁ
ସ୍ୱପଦ ବାନ୍ଧବ ନିକଟେ
ପ୍ରାଣେ ଚଳିବି ତେଣୁ ।
ମିଳୁ ବା ନ ମିଳୁ ସମ୍ପଦ
ମୋତେ ବନ୍ଧୁ ସଦନୁ
ମୁକତି ଲଭିବ ମୁଖରୁ
ଗୃହଁ ଭବ ବନ୍ଧନୁ ।

Digitized by srujanika@gmail.com

ନିରୁପମ ରୂପ ନିରେଖି
ପୂତ ହେବ ନୟନ
ଶ୍ରବଣ ସାର୍ଥକ ହୋଇବ
ଶୁଣି ମଧୁ ବଚନ ।
ମୃଦୁ ମୃଦୁ ମଞ୍ଜୁ ଗଢରେ
ଆସୁଁ ମୋର ନିକଟ
ସଖା ସଖା ବୋଲି ମିଳିବ
ଉଲ୍ଲସାଇ ମନକ ।
ବାଲ୍ୟ ସଖା ମଣି ଶ୍ରୀକରେ
କଲେ କର ମର୍ଦ୍ଦନ
ଛଡ଼ାଇ ଚରଣ ଛୁଇଁବ
ଯିବ ପାପ ବନ୍ଧନ ।
ଏ କିସ ବୋଲନ୍ତେ ସହସା
ନମି ପଦ-ସାରସ
ଲକ୍ଷ୍ମଣ ନାଶିବ କ୍ଷଣକେ
ଯଥା ଗିରି ଉରସ ।
କି ପଦାର୍ଥ ନେଇ ଭେଟିବି
ତାଙ୍କ ଚରଣ ତଳେ
କେଉଁ ଦ୍ରବ୍ୟ ଅବା ଦୁର୍ଲ୍ଲଭ
ତାଙ୍କ ମହା ମଣ୍ଡଳେ ।

Digitized by srujanika@gmail.com

ଉଚାଟିତ ହୋଇ ରହିଲେ
ବନ୍ଧୁ ଗୃହ ଗମନେ ।
କୁକ୍‌କୁଟ ଡାକିଲା ଉଠ ହେ
ଉଠ ନଗର ଜନେ ।
ଅଙ୍ଗ ମୋଡ଼ି ଉଠି ସୁମତି
ନମି ପତି ପଦରେ
"କି ବିଗୃର ନାଥ," ବୋଇଲେ
ଧୀରେ କୋମଳ ସ୍ୱରେ ।
ସୁଦାମା ସଂଶୟ ମନରୁ
କରି ଦେଇ ବାହାର
ଉତ୍ତରିଲେ ପ୍ରିୟ ସଜନୀ,
ଯିବି ବନ୍ଧୁ ଦୁଆର ।
ଅଶନ ବସନ ଭୂଷଣ
ଘରେ କିଛି ତ ନାହିଁ
କିସ ନେଇ ଉଭା ହୋଇବି
ବନ୍ଧୁ ଦୁଆରେ ଯାଇ ।
କି ଆଣିଛ ମିତ ? ବୋଲି ସେ
ଯେବେ କର ପ୍ରସାର
ମାଗିବେ ମରଣୁ ଅଧିକ
ଲଜ୍ଜା ହେବ ତ ଭାରି ।

Digitized by srujanika@gmail.com

ସହି ନ ପାରିବି ସଖୀ ଗୋ
ଦୁର୍ବିସହ ବେଦନା
ଭିକ୍ଷା ମାଗି କାଳ କାଟିବା
ମନେ ଆଜ ଭାବ ନା ।

ବିଦନ୍ତ ହୋଇଲେ ବିନ୍ଦୁରେ
ରହୁଅନ୍ତି ବିନ୍ଦୁର
ବିନ୍ଦୁରଙ୍କ ପ୍ରାପ୍ତି ଆଶାକୁ
କରଥାନ୍ତି ବିଦୁର ।

ଶ୍ରବଣେ ସୁମତୀ ହୃଦୟ
ଦୁଃଖେ ହେଲ ପନ୍ଧିତ
କୋରକିତ ଆଶା କଳିକା
କ୍ରମେ ହେଲ ମୁଦ୍ରିତ ।

ସମ୍ଭାଳି ନ ପାରି ଅଣ୍ଡ୍ରାଳ
ହେଲେ ହାଣ୍ଡି କଳସ
ମୁଷ୍ଟିମେୟ ଖୁଦ ତଣ୍ଡୁଳ
ଲଭି ହେଲେ ହରଷ ।

Digitized by srujanika@gmail.com

ତରତରେ ଅଗ୍ନି ସଂଯୋଗି
                    ସେଦ୍ଧ ତଣ୍ଡୁଳ ସାନ୍ତ
ସମର୍ପିଲେ କାନ୍ତ ଶ୍ରୀକରେ
                    ଏକ ବୁଜୁଲା ସାନ୍ତ ।

ନିତ୍ୟ କର୍ମ ସାରି ସୁଦାମା
                    ଜୀର୍ଣ୍ଣ ଛିନ୍ନ ବସନେ
ବୁଜୁଲା ଲୁଗୁଇ ରଖିଲେ
                    କକ୍ଷ ତଳେ ଯତନେ ।

ବୋଇଲେ "ଶୁଣିଲେ କଥାଏ
                    ଏବେ ପଡ଼ିଲା ମନେ
ଘରେ ନାହିଁ ଧନ ଜୀବନ
                    ବଞ୍ଚାଇବୁ କେମନେ ।

ସୁଦୂର ପ୍ରାନ୍ତର ବନ୍ଧୁର
                    ମାର୍ଗ ନଦୀ କାନନ
ଅତିକ୍ରମି ଦିନା ଭେଟିବ
                    ଯାଇ ବନ୍ଧୁ ସଦନ ।

Digitized by srujanika@gmail.com

ନାଗ୍ନ ଘଟେ ଥାଉଁ ସିନ୍ଦୂର
ରହୁ ଏକା ସଦନେ
ଅରକ୍ଷିତା ଘଟେ ଭେଟିଲେ
କଷ୍ଟ ନାନ୍ଦିବେ ଜନେ ।

ଦୂଷଣ ବହିବ କଷଣ
ହେବ ନାହିଁ ଧୋଇ
ଦାରିଦ୍ର୍ୟ ଦାରୁଣ ଦୁର୍ଗତି
ସଦା ଥାଏ ଗୋଡ଼ାଇ ।

ଶ୍ରବଣେ ଏ ବାଣୀ ରମଣୀ
କାନ୍ତେ କରି ଲଳଟ
ବୋଇଲେ ନ କର ମୋ ପ୍ରଭୁ
ପାଇଁ ଚିନ୍ତିତ ମତ ।

ଉପବନ ଶୋଭ କୁସୁମ
ତରୁ ମୂଳରେ ନିତ
ଜଳ ଦାନେ ହୋଇ ପୁଷ୍ପିତ
ଜନେ ବଢ଼ାଏ ପ୍ରୀତ ।

Digitized by srujanika@gmail.com

ଘନ କାଳ ବନେ କାନନେ
ଫୁଟେ ନାହିଁ କି ଫୁଲ ?
ଅନାଦର ସିନା ଲଭଇ
ରହେ ନାହିଁ ତା ମୂଲ ।

କାନନ କୁସୁମ ସମାନ
ଅଟେ ଗରିବ ଗତି
ଅଭାବେ ସ୍ୱଭାବ ବିନାଶି
ଲଭଥାଏ ଦୁର୍ଗତି ।

ମାନ ଅପମାନ ଭାବନା
ଧନୀ ସମାଜେ ଥାଇ
ଦାରିଦ୍ର୍ୟ ଏ ସବୁ ଦରିଦ୍ର
ହୃଦୁଁ ନିଏ ଛଡ଼ାଇ ।

ବିଳାସର ଉପକରଣ
ପର ଯୁବତୀଗଣେ
ରହିଥାନ୍ତି ଧନ ଅର୍ଜନ
ରଙ୍କସିକ ସଦନେ ।

Digitized by srujanika@gmail.com

ଉପବନ ଶୋଭ କୁସୁମ
　　　　ସମ ଆନନ ଗୃହଙ୍କ
ଅଳୀକ ସୁଖରେ ବିଳସି
　　　　ଥାଏ ଚତ୍ତ ରସାଇ ।

ଇତରେ ଦେଖିଲେ ଚନ୍ତ୍ରରେ
　　　　ଭାବି ଯିବ ମହତ
ବିସ୍ତାରିତ କରେ କ୍ଷମତା
　　　　ନାସ୍ତି ପରେ ସତତ ।

ନ ବୁଝନ୍ତି କେନେ କରମ
　　　　ପଥେ ଚର ସଙ୍ଗିନୀ
ହେବାକୁ ସ୍ୱାମୀର ବୋଲଏ
　　　　ନାସ୍ତି ଅର୍ଦ୍ଧ ଅଙ୍ଗିନୀ ।

ପ୍ରାଣ କାନ୍ତ ବିନେ ନଳିନୀ
　　　　ସତ୍ତି ହିମ କଷଣେ
ପଙ୍କେ ଲେଟି ପ୍ରାଣ ବଞ୍ଚାଏ
　　　　ପଥ ଆଶା ପୋଷଣେ ।

Digitized by srujanika@gmail.com

ଆଗମନ କରୁଁ ତପନ
ଦେଖି ଅଦ୍ଗମ କାଳ
ଅଶାନ୍ତ ପାପୋର ବିକାଶେ
ଲଭ୍ଭ କରଣ କାଲ୍ ।
ବରଣ କର ସେ ବରତ
ସହି କର୍ମ ଯାତନା
ରଖିବି ଜୀବନ ଏଥକୁ
ମୋର ନାହିଁ ଭାବନା ।
ଅନାଲାପେ ଛୁଇଁ ଅଳପ
ପ୍ରାଣପ୍ରିୟା ଲପନ
ବିଦାୟ ଦେନଲେ ସଦନୁ
ବିପ୍ର ପୋଢ଼ ବଦନ ।
ଦକ୍ଷ ନାସା ରନ୍ଧ୍ରୁଁ ପବନ
ଦକ୍ଷ ପାଦ ବଢ଼ାଇ
କୁଟୀର ଦେହଳୀ ଲଙ୍ଘିଲେ
ହୃଦେ ଗୋବିନ୍ଦ ଧ୍ୟାୟି ।
ଖଣ୍ଡେ ଦୂର ଯାଏ ସୁମତୀ
କରି ଅନୁଗମନ
ସ୍ୱାମୀ ଆଦେଶରେ କୁଟୀରେ
କଲେ ପ୍ରତ୍ୟାବର୍ତ୍ତନ ।

Digitized by srujanika@gmail.com

ଭାନୁଗତେ ଧରା ଦୁଃଖିତ*
ଯଥା ତମ ସଂଗମେ
ହରଷିତ କରେ ଅନ୍ତର
ନିଶାପତି ଆଗମେ ।
ପତି ଗତେ ତଥା ସୁମତି
ଦୁଃଖ ସାଗରେ ଭାସି
ଧଇର୍ଯ୍ୟ ତରଙ୍ଗ ବଳରେ
କୂଳେ ଲାଗିଲେ ଆସି ।
ଆନ ନୁହେ କେବେ ନ ହେବ
ଲଲାଟର ଲିଖନ
ଦଇବ କରନ୍ତି ଗରବ
କାରେ ଦେବେ ଦୂଷଣ ।
କରମ ଆଦର ଧରମ
ହୃଦେ ସୁମର ନିତ
ପର କାମେ ପେଟ ପୋଷିଲେ
ମନେ ନ ପାଇ ପ୍ରୀତ ।
ଭକ୍ତ ଅନୁପମ ସୁଦାମ
ପଥେ କରନ୍ତି ଗତ
କୃଷ୍ଣ ଦରଶନେ ମାନସ
ହେଲା ଚଞ୍ଚଳ ଅତ ।

Digitized by srujanika@gmail.com

ପଥ ପ୍ରାନ୍ତ-ଶୋଭା ଦର୍ଶନେ
ନେବ ହେଉଁ ଉଲ୍ଲସ
ବଗୃର ବଗୃର ବବେକ
କହେ ସାର ବଚନ ।
ବାୟୁସ ଦମ୍ପତି ଏକାନ୍ତେ
ବସି ପାଦପେ ସୁଖେ
ଦେଉଥିଲ ଆଣି ଆହାର
ଏକ ଆନର ମୁଖେ ।
ବଣିକୁଳ ଏକ ମେଳରେ
ସୁବସ୍ତୀର୍ଣ୍ଣ ପ୍ରାନ୍ତରେ
ଖଣ୍ଡି ଉଡ଼ା ଦେଇ ଝିଣ୍ଟିକା
ଧରୁଥିଲେ ଥଣ୍ଟରେ ।
ମଧୁପ ବୃକ୍ଷରେ ଆନନ୍ଦେ
ବସି ଶୁକ ନିକର
ରତ ଥିଲେ ଫଳ ଭୋଜନେ
କରି ମଧୁର ସ୍ୱର ।
କୁହୁକୁହୁ ରବେ କୋକିଳ
ବସି ରସାଳ ଡାଳେ
ଥୋଇଥିଲ ମନ ନପୁନ
ନେଇ ପକ୍ୱ ରସାଳେ ।

Digitized by srujanika@gmail.com

ବୃକ୍ଷ ଶାଖା-ସନ୍ଧି ମୂଳରେ
ବସା କରିବା ପାଇଁ
ଆଣ୍ଟେ ଠୁକୁଠୁକୁ ଖୋଳଇ
ଥଣ୍ଟେ କାଠ ଚଢ଼ାଇ ।
ବସା ନିର୍ମାଣିବ ଚତୁର
ଡାଳ ପତ୍ର ପ୍ରାନ୍ତରେ
ପତ୍ର ସୂତ୍ର ନେଇ ସଂଯୋଗେ
ବାୟା ଅଣ୍ଡ ଯତ୍ନରେ ।
କହଇ ବିବେକ, ମାନସ !
ହୃଦେ କର ଚତୁର
ବାସ ଗ୍ରାସ ବେନି ଜଗତେ
ଏକା ଅଟଇ ସାର ।
ଏଥିପାଇଁ ସିନା ସୁମତି
ହେଲ ସତତ ଦୁଃଖୀ
କୃପା କଲେ କୃପାସାଗର
ନିଶ୍ଚେ ହୋଇବ ସୁଖୀ ।
କହୁଁ କହୁଁ ପଥେ ଗମନ
ହେଲ ମଧ୍ୟ ଦିବସ
ସୁଦାମା ପଶିଲେ ବିପିନେ
କୃଷ୍ଣେ ଚିନ୍ତି ମାନସ ।

Digitized by srujanika@gmail.com

କାହିଁ ଲତା କୁଞ୍ଜ ଭିତରେ
ବସି କୋକ ଦମ୍ପତି
ଡାକୁଛନ୍ତି ଦେଖ ପଥିକ
ଆମ୍ଭ ସୁଖ ସମ୍ପତ୍ତି ।
ତରୁ ଶାଖା ପରେ କପୋତ
ବସି କପୋତୀ ସଙ୍ଗେ
ଲଳିତ ସ୍ୱରରେ କୂଜନ୍ତି
ପକ୍ଷ ହଲାଇ ରଙ୍ଗେ ।
କାହିଁ କୃଷ୍ଣସାର ଯୁଗଳ
ଆଶ୍ରି ପାଦପ ଛାୟା
ପ୍ରେମେ କରୁଛନ୍ତି ଲେହନ
ଏକ ଆନର କାୟା ।
କାହିଁ ବା ଦଶନ ଲଙ୍ଗଳେ
ଭୂମି ଚଷି ଶୂକର
ଘୁରୁଘୁରୁ ନାଦେ ବୋଲନ୍ତି
ସଦା ଉଦ୍ୟମ କର ।
କୁମ୍ଭାଟୁଆ ଲତା ଗହଳେ
କହେ ହଲାଇ ପୁଚ୍ଛ
ଶାଶ୍ୱତେ ତତ୍ତ୍ୱକୁ ସମର୍ପ
ଆଜ ସକଳ ତୁଚ୍ଛ ।

Digitized by srujanika@gmail.com

କବଳ ବଦନ ବିସ୍ତାରି
ଅଜଗର ବୋଲଇ
ଆଶା ପଥେ କଲେ ଗମନ
ପ୍ରାଣୀ କ୍ଲେଶ ଲଭଇ ।
କାହୁଁ ଦଳପତି କହଇ
ବସି ମର୍କଟ ଦଳେ
ଭବ ସିନ୍ଧୁ ପାରି ହୋଇବା
ଏକା ଏକତା ବଳେ ।
କାହୁଁ ବା ଭୀଷଣ ଶାର୍ଦ୍ଦୂଳ
କହେ ଗମ୍ଭୀର ନାଦେ
ସ୍ୱାଧୀନ୍ତ କସ ଜଗତେ
ପରାକ୍ରମ ପ୍ରସାଦେ ।
କାହୁଁ ଘଣ୍ଟାକୋଳି ପାଦପେ
ବସି ଡାକଇ ସାରି
ହରି ନାମ ଚର୍ଚ୍ଚା କରିବ
ଭବ ସରିତ ପାରି ।
ଏ ଦୃଶ୍ୟେ ଏ ଭାବେ ନିମଗ୍ନି
ବିପ୍ର ହରଷେ ଅତି
ଲଙ୍ଘିଲେ ଶ୍ୱାପଦ ସଙ୍କୁଳ
ପଥ ଚିନ୍ତି ଶ୍ରୀପତି ।

ପଞ୍ଚମ ଛାନ୍ଦ

(ବଙ୍ଗଳାଶ୍ରୀ)

ସୁଷମା ସାଗର   ଶୁଭ୍ର କଳେବର
          ସୁରପୁର ବନାଧତ
ଶୋଭା ପାଉଅଛି   ଦ୍ୱାରକା ନଗରୀ
          ନୀଳସିନ୍ଧୁ ବକ୍ଷେ ସ୍ଥିତ ।
ସୁରମ୍ୟ ରଚିତ   ଅଟ୍ଟାଳିକାଚୟ
          ଏକୁଁ ଆରେକ ବିଶାଳ
ଅର୍କ ପ୍ରଭା ଜିଣି   ତେଜେ ପ୍ରକାଶୁଛି
          ମସ୍ତକ କଳସମାଳ ।
ଜାମ୍ବୁନଦ ଗଠ   ପଲ୍ଲବ ମଣ୍ଡିତ
          ପ୍ରାସାଦ ତୋରଣ ପରେ
ସ୍ୱର୍ଣ୍ଣ ରତ୍ନ ଚଟେ   ହୋଇ ସୁରଚିତ
          ଚପଳ ମାନସ ହରେ ।
ଶତକୋଟିଠାରୁ   ଶତ ଗୁଣେ ବଳି
          ସୁଦୂର ବେଢ଼ା ପ୍ରାଚୀର
ବୀଚିମାଳେ ତାର   ଚରଣ ପଖାଳେ
          ନିତ୍ୟ ନୀଳାମ୍ବୁ ରୁଚିର ।

Digitized by srujanika@gmail.com

ରଜତ ରସାଣେ   ରସାଣିତ ଲୌହ
କବାଟ ଦୁଆର ଦେଣେ
ଲଗିଅଛି ସଦା   ଆବୋରିଛି ଦ୍ୱାର
ଦ୍ୱାରପାଳ ବୀରବେଶେ ।
କମନୀୟ ଶୋଭା   ଦେଖି ହୋଇ ଲୋଭା
ସୁବିଶାଳ ଅକୂପାର
ପ୍ରତିବିମ୍ବ ଛଳେ   ଗରଭେ ଧରିଛି
ନଗରୀ-ଶୋଭା ଭଣ୍ଡାର ।
ପ୍ରଭାତ ଉଗର   ସ୍ୱର୍ଣ୍ଣଚୂଡ଼ ସ୍ୱର
ଶୁଣାଯାଏ ନାହିଁ କର୍ଣ୍ଣେ
ପ୍ରାସାଦ ଶିଖର   ଆବୋରି ମୟୂର
ଉଦ୍‌ଗ୍ରୀବେ ଶୁଣାଏ ଜନେ ।
ସାରିକା ପଠନ   କୋକିଳ କୂଜନ
ଶ୍ରବଣେ ନଗରବାସୀ
ଉଷାଗମ ଜାଣି   ତେଜନ୍ତି ସୁପାଭ
ଚଢେ ଚନ୍ଦ୍ର ବ୍ରହ୍ମବଶି ।
ଗର୍ବ ପର୍ବତକୁ   ସାଗରେ ବୁଡ଼ାଇ
ସକଳେ ଅହିଂସାବାଦୀ
ସାନେ ସ୍ନେହ ବଢ଼େ   ଭକତ ଦେଖାଇ
କର୍ମ ଯାଉଛନ୍ତି ସାଧି ।

Digitized by srujanika@gmail.com

ଧୀରୋଦାତ୍ତ ଧୀର   ପ୍ରଶାନ୍ତ ଧାର୍ମିକ
ସର୍ବକାର୍ଯ୍ୟେ ଧୁରନ୍ଧର
କନ୍ଦର୍ପ ସୁନ୍ଦର   ତନୁକାନ୍ତି ସଦା
* ମିହସୁତେ ନାହିଁ ଡର ।
ଏକାନ୍ତିକ ନୀତି   ଅଟଳ ପ୍ରତିଜ୍ଞା
ନିତ୍ୟ ଶାନ୍ତି ମୈତ୍ରୀ ସେତୁ
ହୃଦୟୈକ୍ୟ ବାନ୍ଧ   ଉଡ଼ାଇଅଛନ୍ତି
ଜଗତେ ବିଜୟ କେତୁ ।
ପ୍ରପାଳିତ ପଶୁ   ବ୍ୟବହାରେ ଚିତ୍ତ
ବିସ୍ମୟ ଲଭଇ ଅତି
ଉନ୍ନତ ମସ୍ତକ   ଅଶ୍ୱେ ଦେଖି ଗଜ
ମଥା ପୋତି କରେ ଗତି ।
ସ୍ୱଭାବ ପାସୋରି   ଜାତି ପ୍ରତି ଶ୍ୱାନ
ଦେଖାଏ ପଣ ଉଦାର
ହିଂସା ମନୋଭାବ   ତେଜି କ୍ରୀଡ଼ାରତ
ମୂଷିକ ସଙ୍ଗେ ମାର୍ଜାର ।
ଅବିଶ୍ରାନ୍ତ ପଥ   ଗମି ହେଲେ ଭକ୍ତ
ଦ୍ୱାରକା ଅଦୂରବର୍ତ୍ତୀ
ନଗର ସୁଗୃହ   ଶୋଭା ଦରଶନେ
ଆନନ୍ଦ ଲଭିଲେ ଅତି ।

* ମିହସୁତ—ଯମ ।

Digitized by srujanika@gmail.com

ବିମୃଶିଲେ ମନେ   ବରୁଣ ସଞ୍ଚିତ
    ବିବିଧ ରତନ ରାଶି
ଗିରିବରବକ୍ଷତ   ଧରିଅଛି ଏଥେ
    ସିନ୍ଧୁକଲେ ଭରି ଆମ୍ଭି ?
ସଖା ଆଗମନ   ଜାଣି ନାରାୟଣ
    ମାନସ ପରୀକ୍ଷା ଅର୍ଥେ
କୋଟି ବ୍ରହ୍ମାଣ୍ଡର   ରତନ ଭଣ୍ଡାର
    ରଖିଛନ୍ତି କିବା ପଥେ ।
ଗରବ ହେଲେହେଁ   ପର ଦରବରେ
    ବଳିବ ନାହିଁ ମୋ ଚିତ୍ତ
ହସ୍ତ ତୋଳି ଯେବେ   ନ ଦେବେ ଶ୍ରୀପତି
    କେମନ୍ତେ ନେବି ତାଙ୍କ ବିତ୍ତ ।
ନବ ନବ ଚିନ୍ତା   ଧରି ଗଡ଼ଦ୍ୱାର
    ନିକଟେ ହେଲେ ପ୍ରବେଶ
ଉନ୍ମତ୍ତ ମାତଙ୍ଗ   ପରସ୍ପ ଦୁଆରେ
    ଆବୋରିଛି ଦ୍ୱାରଦେଶ ।
ଦେଖି ଥର ଥର   ଥରିଗଲା ତନୁ
    ହୃଦୟ ହେଲା କମ୍ପିତ
ସଖା ଦରଶନ   ଆଶା ଦୂର କରି
    ମାନସ ହେଲା ଶଙ୍କିତ ।

Digitized by srujanika@gmail.com

କିନ୍ତୁ ଆଜ୍ଞା ବିପ୍ରେ ଦେଖି ଦ୍ୱାରପାଳ
ପ୍ରଣମିଲ ଭକ୍ତିଭରେ
ଆଗମନ ବାର୍ତ୍ତା ଜିଜ୍ଞାସିଲ ଧୀରେ
ସବିନୟ ଯୁକ୍ତ କରେ ।
କର ତୋଳି ବିପ୍ର ଆଶିଷ ପ୍ରଦାନି
ଶାନ୍ତ ଲଭିଲେ କିଞ୍ଚିତ
ଦୀପ୍ତ ହେଲ ପୁଣି ଆଶାଦୀପ ତାଙ୍କ
ହେଉଁ ହେଉଁ ନିର୍ବାପିତ ।
ପଚାରିଲେ ହୋଇ ଦ୍ୱାରୀ ସନ୍ନିକଟ
ଧୀର କୋମଳ ବଚନେ
ଦ୍ୱାରକାଧିପତି ଚରଣ ଦର୍ଶନ
ସମ୍ଭବ କି ଅକିଞ୍ଚନେ ?
ଭ୍ରୂରୁ ସଙ୍ଗେ ମୁଖ ଊର୍ଦ୍ଧ୍ୱେ ଟେକି ଦ୍ୱାରୀ
ଉତ୍ତରେ ବିପ୍ରେ ଅନାଇ
ଦ୍ୱାରକା ମଣ୍ଡନ ଦର୍ଶନାଭିଳାଷୀ
ଆଶା କେବେ ଭାଙ୍ଗି ନାହିଁ ।
ଜିଜ୍ଞାସିଲେ ଦ୍ୱିଜ ପୁଣି ସେ ରକ୍ଷକେ
ସନ୍ଦେହ ହେବାରୁ ମନେ
ରାଜ ସିଂହଦ୍ୱାର ଆବୋରି ଥିବେଟି
ଅନ୍ୟ ଦ୍ୱାରପାଳଗଣେ ।

Digitized by srujanika@gmail.com

କହି ପାରିବ କି ସୁଖୀ ହେବେ ସେହି
କେଉଁପରି ବ୍ୟବହାରେ
ରାଜସେବକଗଣ ବଡ଼ ନିଦାରୁଣ
ହୋଇଥାନ୍ତି ସବୁଠାରେ ।
ଶୁଣିଅଛୁ କର୍ଣ୍ଣେ ଦେଖିନାହୁଁ ନେତ୍ରେ
ରାଜସେବକ ନିର୍ଦ୍ଦୟ
ମାନବ ହେଲେ ହେଁ ନ ଥାଏ ତାଙ୍କର
ମାନବ ଯୋଗ୍ୟ ହୃଦୟ ।
ପରସ୍ୱାର୍ଥ ପଥେ କଣ୍ଟା ପୋତି ନିଜ
ସ୍ୱାର୍ଥ କରିଥାନ୍ତି ସାର
ପରହିତ ଲଗି ହୁଅନ୍ତି କୁଣ୍ଠିତ
ନ ଥାଏ ସାଧୁ ବିଚାର ।
ଅଳପ କାର୍ଯ୍ୟରେ ଅର୍ଥପ୍ରାପ୍ତି ଆଶା
ସଦା ପୋଷିଥାନ୍ତି ମନେ
ଗରିବେ ଗରଳ ଦେଉଥାନ୍ତି ନିତି
ଜୀତି ଥାଇ ଧନୀ ଧନେ ।
ଶ୍ରବଣେ ଏ ବାଣୀ ଉତ୍କଳ ରକ୍ଷୀ
ଶୁଣିଅଛୁ କର୍ଣ୍ଣେ ଯାହା
ସତ୍ୟ ହୋଇପାରେ ଅନ୍ୟ ସ୍ଥାନେ କିନ୍ତୁ
ଅସମ୍ଭବ ଏଥି ତାହା ।

Digitized by srujanika@gmail.com

ପ୍ରଜା କର୍ମଚାରୀ ନିଷ୍ଠାରୂରେ ସଦା
ରାଜା ହୋଇଥାନ୍ତି ତୁଷ୍ଟ
ଖାଦ୍ୟ-ଖାଦକର ପ୍ରୀତି ନ ରହିଲେ
ଶରୀର ହୁଏ କି ପୁଷ୍ଟ ।
ରାଜ ଦୁର୍ନୀତିରେ ରାଜ କର୍ମଚାରୀ
ହୋଇଥାନ୍ତି ପଥଭ୍ରଷ୍ଟ
ଅନଳ ଶିଖାରୁ ବାହାର କଣିକା
କରେ ଯଥା ସର୍ବନଷ୍ଟ ।
ଉଚ୍ଚ ପଦଧାରୀ ନିମ୍ନ କର୍ମଚାରୀ
ଯୋଗେ ହୋଇ ପ୍ରଚାରିତ
ହୋଇଥାନ୍ତି କ୍ରମେ ବଗୃର ବମୂତ୍
ଜନେ ଅପ୍ରିୟ ନିନ୍ଦିତ ।
ପରଜା ପାଳନ ଧରମ ଧାରକ
ରାଜନୀତି ବିଶାରଦ
ସୁନୀତି ସେବକ ଅରି ବିମର୍ଦ୍ଦକ
ଶରଣ ଜନ ସୁଖଦ ।
ଜୀବନ ଯାହାଙ୍କ ଅକଳଙ୍କ ସଦା
ଦୀନଜନ-ସହାୟକ
ଦୟା କ୍ଷମାଶୀଳ ଦ୍ୱାରକାମଣ୍ଡନ
ପୁରେ ନାହାଁନ୍ତି ଛଳେ ଦକ ।

Digitized by srujanika@gmail.com

ଅନାଥ ଅତିଥି ଦେବତା ବ୍ରାହ୍ମଣେ
ଦୁଆର ସଦା ମୁକତ
ନ ବିଚାରି ଆନ ଚଳ ହେ ବ୍ରାହ୍ମଣ
ଧରି ରାଜପୁର ପଥ ।
ଉଦ୍‌ବେଳିତ ହେଲ ଆନନ୍ଦ ଲହରୀ
ଦ୍ୱିଜବର ହୃଦ-ସରେ
କୃଷ୍ଣ ଦରଶନ ପିପାସା ବଢ଼ିଲ
ଶୁଦ୍ଧ ସାତ୍ତ୍ୱିକ ଅନ୍ତରେ ।
ଉପମା ରହିତ ଶୋଭୀ ରାଜପଥ
ଦରଶନେ ବିପ୍ରଚିତ୍ତ
ରୁକ୍ଷ ପଦ ଚିହ୍ନ ହେବାରୁ ପତିତ
ହେଉଥିଲା ସଙ୍କୁଚିତ ।
କରୁ କରୁ ଗତି ଆନନ୍ଦିତ ମତି
ଅଧିକୁଁ ଅଧିକତର
କୃଷ୍ଣ ଚିନ୍ତା ସଙ୍ଗେ କୃଷ୍ଣ ପ୍ରେମ ସୁଖ
ଲଭୁଥିଲା ଅଭ୍ୟନ୍ତର ।
ଅମିତ ତେଜସ୍ୱୀ ପୁର ଦ୍ୱାରପାଳ
ଦରଶନେ ବିପ୍ରମନ
ଭୀତ ଲଭୁଥିଲା ପ୍ରୀତ ହେଲା ଶୁଣି
ସରଳ ମୃଦୁବଚନ ।

Digitized by srujanika@gmail.com

ଷଷ୍ଠ ଛାନ୍ଦ

ବୃତ୍ତ—ଚତୁର୍ଦ୍ଦଶାକ୍ଷରୀ

ପୁଣ୍ୟପ୍ରଭା ବିମଣ୍ଡିତ ନ୍ୟାୟର ଆଳୟ
ବିଜେ ମହିମା ଦ୍ୱାରକା ରାଜ କାର୍ଯ୍ୟାଳୟ ।
ସ୍ୱୟଂ ସୃଷ୍ଟିପତି କୃଷ୍ଣ ରାଜ ଦଣ୍ଡଧର
ଦେବରାଜ ଇନ୍ଦ୍ର ଯାଙ୍କ ପଦ୍ମର କିଙ୍କର ।
ନବୀନ ନୀରଦ ତନୁ ଉଦାର ମୂରତି
ହାସ୍ୟ ବିମଣ୍ଡିତ ଆସ୍ୟ ଆମ୍ଭଙ୍କ ସୁମତି ।
ଅନୁଗତ ରାଜଗଣ ମଧ୍ୟେ ଯଦୁପତି
ବିଜେ ଯଥା ତାରକିତ ନଭେ ନିଶାପତି ।
ରାଜକର୍ମଚାରୀ ଯୋଗେ ରାଜ୍ୟର ବିଧାନ
ସମାହିତ ହେଉଅଛି ରାଜକାର୍ଯ୍ୟମାନ ।
ବାଦୀ ପ୍ରତିବାଦୀ କେତେ ହୋଇଛନ୍ତି ଠୁଳ
କରନ୍ତି ନ୍ୟାୟ-ବିଚାର ଦେଇ ସତ୍ୟମୂଳ ।
ମିଥ୍ୟା ଅହଙ୍କାର ସ୍ୱାର୍ଥ ତୋଷାମଦୀ ନୀତି
ଚଳିବନ୍ତି ନ୍ୟାୟ ଯୋଗେ ମନେ ପାଇ ଭୀତି ।
ବାର୍ତ୍ତାବହେ ନାନା ଦେଶ ବିଦେଶ-ଆଗତ
ବାର୍ତ୍ତାମାନ ହେଉଅଛି ନୃପ କର୍ଣ୍ଣଗତ ।
ସହସା କାହିଁକି କୃଷ୍ଣ ହୋଇ ଅନ୍ୟ ଚିତ୍ତ
ଆଦେଶିଲେ ରାଜକାର୍ଯ୍ୟ ହେବାକୁ ସ୍ଥଗିତ ।

Digitized by srujanika@gmail.com

ନିବର୍ତ୍ତିଲେ ରାଜକାର୍ଯ୍ୟୁଁ କର୍ମଚାରୀଗଣ
ଅନ୍ୟ ରାଜାମାନେ କଲେ ସ୍ୱପୁରେ ଗମନ ।
ବିଳାସ ଭବନେ ଯାଇ ବସିଲେ ଯଦୁପତି
ନିକଟେ ମିଳିଲେ ଆସି ପୁରଙ୍ଗନା ପତ୍ନୀ
ରୁକ୍ମିଣୀ ସଙ୍ଗତେ ଅଷ୍ଟମହିଷୀ ସକଳ
କେ କରେ ବ୍ୟଜନ କେହୁ ସିଞ୍ଚେ ବାସଜଳ ।
ସେବତ ନୋହିଲେ ପ୍ରଭୁ ହୋଇ ତତପର
ବୋଇଲେ "ଗୋ ସଖୀ ମିତ ଆସନ୍ତୁ ମୋହର ।
ଆହା କେତେ କଷ୍ଟ ପାଇଲେଣି ସଖା ଗୋଟି
ଥାଅ ସଖୀ ଯାଉଛି ମୁଁ ଆଣିବ ପାଶୋରି ।
ଲଳିତ କୋମଳ ସ୍ୱରେ ଭୀଷ୍ମକ ଦୁଲାଳୀ
ବୋଇଲେ କି ଛଳ କର ଯାଅ ବନମାଳୀ ।
ଛଳନା ପୂରିତ ବାକ୍ୟ ସତତ ତୁମ୍ଭର
ଏଣୁ ବୋଲଉଛୁ ଗୋପେ ଛଳିଲ ନାଗର ।
ସରଳ ତରଳ ମତି ଅବଳା ଯୁବତୀ
ନିକଟେ କି ଛନ୍ଦ କଥା ଶୋଭେ ଯଦୁପତି ।
ସଖା ତବ ଅର୍ଜୁନ ତୃତୀୟ ପାଣ୍ଡବ
ଏକାକୀ ଯେ ଦହିଥିଲେ ବାସବ-ଖାଣ୍ଡବ ।
ଦ୍ୱାରକା ଶୁଭାଗମନେ ତାଙ୍କ କି ଯାତନା
କାହେ ପାଶୋରିବ ସତ କହ ମହାମନା ।
ନତୁ ମନେ ପଡ଼ିଲେ କି ଦ୍ରୁପଦ ଦୁଲଣୀ
ସେ ପରା ଅଟନ୍ତି ତବ ଭକତ ଅଗ୍ରଣୀ ।

Digitized by srujanika@gmail.com

ବୋଇଲେ ଶ୍ରୀହରି ଆଗୋ ଗୃହସ୍ଥ ପଦ୍ମାନନେ
ଅଥୟ ହେଲଣି ଚିତ୍ତ ସଖା ଆଗମନେ ।
ନୁହନ୍ତି ସେ ଅର୍ଜୁନ ବା ଧରମ ନନ୍ଦନ
ମହା ମିତ୍ର ଅଟନ୍ତି ମୋ ସୁଦାମା ବ୍ରାହ୍ମଣ ।
ମିତ୍ର ପୂଜା ଅର୍ଥେ ସଜ କର ଅର୍ଘ୍ୟଥାଳି
ପାଞ୍ଚୋଟି ଆଣିବ ବୋଲି ଗଲେ ବନମାଳୀ ।
ବତ୍ସାଠାରେ ଚିତ୍ତ ରଖି ଗୋଷ୍ଠୁଁ ଧାଇଁଧାଇଁ
ସନ୍ଧ୍ୟାକାଳେ ଆସେ ଯଥା ଦୁଗ୍ଧବତୀ ଗାଈ ।
ଭକ୍ତ ପ୍ରେମଡୋରେ ବନ୍ଧା ଭକ୍ତ ପ୍ରାଣ ଧନ
ସିଂହଦ୍ୱାରେ ପ୍ରବେଶିଲେ ଆସି ତତକ୍ଷଣ ।
ଶଙ୍କିତ ମନେ ସୁଦାମା ସତୃଷ୍ଣ ନୟନେ
ଉଭା ହୋଇ ଗୃହଁ ଥିଲେ ନଗର ଅୟନେ ।
ସଖା ସଖା ବୋଲି କୃଷ୍ଣ ଟେକି ବେନି କର
ଆଲିଙ୍ଗିଲେ ଯାଇ ବେଗେ ମିତ୍ର କଳେବର ।
ଆହା ମିତ୍ର ଏତେ ଦିନେ ପଡ଼ିଲି କି ମନେ
ଭୁଲି ଯାଇଥିଲି ପଡ଼ି ସଂସାର ବନ୍ଧନେ ?
କ୍ଷୀଣସ୍ରୋତା ଅନ୍ଧତର ବକ୍ଷେ ପାରବାର
ଲମ୍ଫାଇ କି ଦେଲା ମୋଦେ ନୀଳ ଉର୍ମିହାର ?
ନୀରସ ଉରସ ଗିରି ନିଦାଘ କାଳରେ
ଆଲିଙ୍ଗିତ ହେଲା ଅବା ଜଳଦମାଳରେ ।
ଶୁଭ୍ର ଭାଗୀରଥୀ ପୁଣ୍ୟ ସଳିଳ ସ୍ରୋତରେ
ଯମୁନା କି ମିଶିଗଲା ପ୍ରୟାଗ କ୍ଷେତ୍ରରେ ।

Digitized by srujanika@gmail.com

ସେହିରୂପେ ବସ୍ତ୍ର ହେଲେ ପ୍ରେମେ ଆଲିଙ୍ଗିତ
କୃଷ୍ଣ କର ଲାଗି ଅଙ୍ଗ ହେଲା ପୁଲକିତ ।
ଆଗମନ କାଳେ ଆନ ଯାହା ଥିଲେ ଭୀତ
ଭୁଲିଲେ ସମସ୍ତ ନେତ୍ର ହେଲା ନୀରସ୍ରାବୀ ।
କୃଷ୍ଣ ଦରଶନେ ହୃଦ ସର ତରଙ୍ଗିତ—
ହେଉଥିଲା, ଆଲିଙ୍ଗନେ ହୋଇଲା ଶମିତ ।
କୁଶଳ ବାରତା ପୁଚ୍ଛି ମିତ୍ର କର ଧରି
ଧୀରେ ଧୀରେ ପୁର ମଧ୍ୟେ ପ୍ରବେଶିଲେ ହରି ।
କୃଷ୍ଣ ପ୍ରତିବିମ୍ବ ଏକା ଭକ୍ତ ହୃଦେ ଥାଇ
ତାଙ୍କୁ ଦେଖିଗଲେ ଅନ୍ତର୍ଯ୍ୟାମୀ ଭବତ୍ରାୟୀ ।
ମିତ୍ରଙ୍କୁ ମଣିଖଚିତ ରତ୍ନ ସିଂହାସନେ
ବସିବାକୁ ନିବେଦିଲେ ଆନନ୍ଦିତ ମନେ ।
ନାହିଁ ନାହିଁ କହି ବସ୍ତ୍ର ହେଲେ ସଙ୍କୁଚିତ
ବଳେ ବସାଇଲେ କୃଷ୍ଣ ଜାଣି ମିତ୍ର ଚିତ୍ତ ।
ରୁକ୍ମିଣୀକି ସମ୍ଭାଷିଲେ ହରଷ ଅନ୍ତରେ
ଅଭ୍ୟର୍ଥନା କରିବାକୁ ଆସି ମିତ୍ରବରେ ।
ଶୁଣି ମାଧବଙ୍କୁ ବାହାର ହୋଇଲେ ରୁକ୍ମିଣୀ
ପାଦରେ ନୂପୁର ନାଦ କରେ କିଣିକିଣି ।
କଟୀତଟେ ଯମୁନଦ ମେଖଳେ ଖଚିତ
ମାଣିକ୍ୟ ମାଳିକା ଶୋଭା ଉପମା ରହିତ ।
କରେ କନକ ବଳୟ ବଦ୍ରୁମ ଜଡ଼ିତ
କରେ ତରୁଣ ଅରୁଣ ପ୍ରଭା ପ୍ରକାଶିତ ।

Digitized by srujanika@gmail.com

ସ୍ୱର୍ଣ୍ଣପୁଷ୍ପ ଖଚୁ ହୀରଖଣ୍ଡ ଚନ୍ଦ୍ରକାନ୍ତ
ଦୋଳଇ ଶ୍ରବଣ ତଟେ ପ୍ରକାଶି ସୁକାନ୍ତ ।
ସୀମନ୍ତ ପ୍ରାନ୍ତେ ଶୋଭଇ ଇନ୍ଦ୍ର ନୀଳମଣି
ଅର୍କ ପ୍ରଭା ଝନାଧନ ଗୃହୁ ମଥାମଣି ।
ନୀଳମେଘୀ ପାଟଶାଢ଼ୀ ଅଙ୍ଗେ ପାଏ ଶୋଭା
ଜଗତଜନନୀ ଲକ୍ଷ୍ମୀ ଜନନେତ୍ର ଲୋଭା ।
ଲଜ୍ଜ ଲଜ ହୋଇ କରେ ଘେନି ଅର୍ଘ୍ୟଥାଳି
ଆସି ହେଲରୁ ଘେନାଲେ ହର୍ଷେ ବନମାଳୀ ।
ପାଦ୍ୟ ଅର୍ଘ୍ୟ ଘେନି ପ୍ରଭୁ ସିଂହାସନୁଁ ଟେଳେ—
ଝଟକେ କର ରୁକ୍ମଣୀଙ୍କି ବୋଇଲେ କୋମଳେ ।
ଘଟିଛି ଭାଗ୍ୟରେ ସଖୀ ମିତ୍ର ସେବା ଯୋଗ
ପୂଜା କର ଲଭିବା ଟେଗା ସ୍ୱର୍ଗସୁଖ ଭୋଗ ।
ଏହା କହୁ ମଇତ୍ରଙ୍କ ଧରନ୍ତେ ଚରଣ
ନାହିଁ ନାହିଁ କହୁ ବିପ୍ର କଲେ ନିବାରଣ ।
ମୟୂର ପୁଚ୍ଛୁ କାହିଁ ଚଟକକୁ କେବେ
ନଦେଖିଛୁ କି ପ୍ରଭୁ ତାହା କରୁଅଛୁ ଏବେ ।
ଅନୁଦାସ ପ୍ରତି କିପାଁ କର ଏତେ ବ୍ୟଙ୍ଗ
କେବେ ନ ଗଲଟି ତବ ବାଳକ ପ୍ରସଙ୍ଗ ।
ବୋଇଲେ ଶ୍ରୀହରି ମିତ୍ର କିଅ ନାହିଁ ବ୍ୟଥା
ପାସୋରି ଦେଲ କି ବନ୍ଧୁ ଗୁରୁ ଗୃହ କଥା ?
ଇଷ୍ଟ ମିତ୍ର ଜ୍ଞାତି ସହୋଦର ଯେ ଭୁଲଇ
ଝକୁତ ଶବଦଃକାସ୍ତି ଖିବା ତାକୁ କହୁ ।

Digitized by srujanika@gmail.com

କାଷ୍ଠ ଆହରଣେ ହେଲ ଆମ୍ଭ ନିମନ୍ତ୍ରଣ
ଏଣୁ ନିମନ୍ତ୍ରଣେ କର ଆତିଥ୍ୟ ଗ୍ରହଣ ।
ଲୁଚି ଉପାନହ ନାହିଁ ସ୍ୟନ୍ଦନ ବାହନ
ସୁଦୂର ବନ୍ଧୁର ମାର୍ଗେ ତବ ଆଗମନ ।
ପୀଡ଼ୁଥିବ ପାଦ କହି କର ନିବେଦନ –
କରି ଚରଣରେ ହସ୍ତ କଲେ ଆଶ୍ୱାସନ ।
ରାଜ ଉପଗୃହରେ ପ୍ରଭୁ ନିଜେ କଲେ ସେବା
ବ୍ରହ୍ମାଣ୍ଡ କରତା ତାଙ୍କୁ କି ଉପମା ଦେବା ।
କାନ୍ତିଜଡ଼ିତ ଦର୍ପଣେ ବସ୍ତ୍ର ଦେଲେ ଗୁହଁ
ପ୍ରତିବିମ୍ବିତ ହେଉଛି ନିଜ ରୂପ ଯାହ ।
ମନେ ବିଚାରିଲେ ଆହା କି କଥା ଘଟିଲ
ସିଂହଠାରୁ ଶାଖା ମୃଗ ଅର୍ଚ୍ଚନା ଘେନିଲ ।
ଅବନତ ମୁଖେ ଶୀଘ୍ର ନେଇ ଦେଲେ ବୃଦ୍ଧା
କି କହିବେ କି କରିବେ ନ ପାରିଲେ ବୁଦ୍ଧି ।
ସଲଜ୍ଜ ସଙ୍କୋଚେ ତହିଁ ପୁତ୍ତଳିକା ମତେ
ଘେନିଲେ ଅର୍ଚ୍ଚନା ଲକ୍ଷ୍ମୀ ନାରାୟଣ ହସ୍ତେ ।
ନ ଆସେ ବଚନ ଲାଜେ ନ ଟେକନ୍ତି ମଥା
କନ୍ୟା ପରଶନେ ଯେସନ୍ତେ ଲାଜକୁଳୀ ଲତା ।
କର୍ପୂର ଚନ୍ଦନ ଅଙ୍ଗେ ହେଉଁ ବିଲେପିତ
ବସ୍ତ୍ର ବାମ କର ହେଲ ଅଳ୍ପ ଉତ୍ତୋଳିତ ।
ସଯତ୍ନ ରକ୍ଷିତ ଭଙ୍ଗା ଖୁଦ ଗଣ୍ଡି ଖସି
ପିବାରୁ ଗୋବିନ୍ଦ ତାହା ଘେନି ହସିହସି ।

Digitized by srujanika@gmail.com

ବୋଇଲେ ଏ କସ ମିଶ ନ ଦିଅ ଆମ୍ଭଙ୍କୁ
ଦେବାକୁ କ ଇଚ୍ଛି ନାହିଁ ମିଶାଣି ତୁମ୍ଭଙ୍କୁ ?
ଉତ୍ତରବେ କସ ବସ୍ତ୍ର ନ ପାରିଲେ ଶାନ୍ତ
ଲଜ୍ଜା-ଭୟ-ପ୍ରେମ-ଭକ୍ତି-ଜଳେ ଗଲେ ଭନ୍ତ ।
ପ୍ରେମ ଭକ୍ତି ସିକ୍ତ ଜାଣି ଭକତର ଚିତ୍ତ
ହର୍ଷେ ଖୁଦଭଜା ପ୍ରଭୁ ଭୁଞ୍ଜିଲେ ତୁରିତ ।
ମୁଷ୍ଟି ଏକ ନେଇ ଆଉ ମୁଷ୍ଟି ବଢ଼ାଇଲେ
ଏ କସ ବୋଲି ରୁକ୍ମିଣୀ ଶ୍ରୀହସ୍ତ ଧଇଲେ ।
ମିଶାଣି ସ୍ୱହସ୍ତ ଖୁଦଭଜା ଆମ୍ଭ ପାଇଁ
ଦେବ ନାହିଁ ? ବୋଲି ନେଲେ ଶ୍ରୀକରୁଁ ଛଡ଼ାଇ ।
ତତ୍ପରେ କାଳିନ୍ଦୀ, ସତ୍ୟଭାମା, ନାଗ୍ନଜିତା,
ସୁଲକ୍ଷଣା, ମିତ୍ରବିନ୍ଦା ଜାମ୍ବବଦୁହିତା ।
ଅନ୍ତଃପୁର ନିବାସିନୀ ମହିଷୀ ସକଳ
ସଭିରେ ମିଳିଲେ ତହିଁ ଲଭି କୌତୂହଳ ।
ନିର୍ମାଲ୍ୟ ସମ ଭୁଞ୍ଜିଲେ ପାଥେୟ ଛଡ଼ାଇ
ବ୍ରହ୍ମାନନ୍ଦ ସାଗରେ ମାନସ ବୁଡ଼ାଇ ।
ଏ କସ ପଦାର୍ଥ କିଏ ଏହି ଦ୍ୱିଜପତି
ଜାଣିବାକୁ ସର୍ବେ ହେଲେ ଉତ୍କଣ୍ଠିତ ମତି ।
ଜାଣି ତାହା ସମସ୍ତଙ୍କ ଚୋଟି ଗୋଟି କରି
ନିକଟକୁ ଡାକି ତହୁଁ ବୋଇଲେ ଶ୍ରୀହରି ।
ଦେଖ ରାଣୀଗଣ ନବ ଆଗତ ମହାତ୍ମା
ପିଣ୍ଡ ବେନି ଆମ୍ଭ କିନ୍ତୁ ଅଟେ ଏକ ଆତ୍ମା ।

Digitized by srujanika@gmail.com

ଅବନ୍ତୀନଗରେ ସାନ୍ଦୀପନି ଗୁରୁ ଆଳେ
ବିଦ୍ୟାର୍ଥୀ ଅନୁରୂପେ ଥିଲୁଁ ବାଳ୍ୟକାଳେ ।
ଦିନେ ଗୁରୁ ଆଦେଶିଲେ କାଷ୍ଠ ଆହରଣେ
ସର୍ବ ଛାତ୍ର ଏକ ମେଳେ ଯିବା ପାଇଁ ବନେ ।
କାନନେ ପ୍ରବେଶି କାଷ୍ଠ କରୁଁ ଆହରଣ
ଅକାଳ ଜଳଦ କାହୁଁ ଢୋଡ଼ିଲା ଗଗନ ।
ତିମିର, ସମୀର, ନୀର ହୋଇ ସମ୍ମିଳିତ
ପ୍ରବେଶୁଁ ସକଳ ଗୃହ ହୋଇଲୁଁ ବ୍ୟଥିତ ।
କେ କେଉଁଣେ ପଳାଇ କଷ୍ଟେ ରଖିଲେ ଜୀବନ
ଏକ ତରୁମୂଳେ ଥିଲୁଁ ଆମ୍ଭେ ଦୁଇ ଜଣ ।
ଶୀତ ବାତାଘାତେ ତନୁ ହେଲା ଥରଥର
ଆଦୋଳି ବସିଲୁଁ ପରସ୍ପର କଳେବର ।
ପଚାରିଲି ସଖା କିସ ଅଟେ ତୁମ୍ଭ ନାମ
ପ୍ରତିବାକ୍ୟ ପ୍ରଦାନିଲେ ନାମ ତାଙ୍କ ଦାମ ।
ତେଣିକି ମଧ୍ୟରେ ହେଲା ମୈତ୍ରୀ ସଂସ୍ଥାପନ
ଇତର ନ ମଣ ମିତ୍ର ଅଟନ୍ତି ବ୍ରାହ୍ମଣ ।
ଶ୍ରବଣେ ଆନନ୍ଦ ଲଭି ସକଳ ସୁନ୍ଦରୀ
ମିତ୍ରପଦେ ପ୍ରଣମିଲେ ସୁନୀତି ଆଚରି ।
ଗତ ଆଗତ କଥନେ ହେଲେ ବାସାନ୍ତର
ଭୋଜନାନ୍ତେ ବିଶ୍ରମିଲେ ପର୍ଯ୍ୟଙ୍କ ଉପର ।
ବିଚିତ୍ର ଭୁବନ ଚିତ୍ର ଉପମା ରହିତ
ଅନାଇ ବସ୍ତୁଚୟ ମଗ୍ନ ଥିଲ ବିପ୍ର ଚିତ୍ତ ।

Digitized by srujanika@gmail.com

ଏକତ୍ର ସ୍ନାନ ଭୋଜନ ଏକତ୍ରାଧିଷ୍ଠାନ
ହାସ ପରିହାସ ଯେତେକ ଗତ କଥାମାନ ।
ସ୍ମରଣେ ଅତୀତ ହେଲା ତୃତୀୟ ଦିବସ
ତଥାପି ଅତୃପ୍ତ ବେନି ମିତଙ୍କ ମାନସ ।

Digitized by srujanika@gmail.com

ସପ୍ତମ ଛାନ୍ଦ

(ବଙ୍ଗଳାଶ୍ରୀ ବୃତ୍ତ)

ତୃତୀୟ ଦିବସ   ନିଶା ହେଲା ଶେଷ
        ଦିବାମୁଖୀ ହେଲା ଧରା
ଦିଗଙ୍ଗନାଗଣ   ଅସିତ ବସନ
        ତେଜି ହେଲେ ଶୁକ୍ଳାମ୍ବରା ।
ଅରୁଣ ବସନା   ପରାଚୀ ଅଙ୍ଗନା
        ପ୍ରକାଶୁଁ ନବୀନ କାନ୍ତି
ଉଜେ ଗ୍ରହରାଜ   ରଥାଙ୍ଗ ସମାଜ
        ଜାଣି ଚିତ୍ତ କଲେ ଶାନ୍ତ ।

ପୋଷା ଶୁକବ୍ରତ   ମାତଙ୍ଗ ବୃଂହିତ
        ଅଶ୍ୱ କଲେ ହ୍ରେଷାରବ
ରାଜ ବୈତାଳିକ   ନୁଆଇଁ ମସ୍ତକ
        ଆରମ୍ଭିଲେ ରୁଚିସ୍ତବ ।
ବହୁତନ୍ତ୍ରୀ ତାନ   ସୁମଧୁର ଗାନ
        ଶ୍ରୁତ ହେଉଁ ରାଜସଦ୍ମେ
ଲଭିଲେ ଜାଗୃତ   ପୁରାଙ୍ଗନାପନ୍ତି
        ଭାନୁକର ଯଥା ପଦ୍ମେ ।

Digitized by srujanika@gmail.com

ଦ୍ୱାରକା ମଣ୍ଡନ ଦେବ ଜନାର୍ଦ୍ଦନ
ନିଦ୍ରା ତେଜି ସଖା ସଙ୍ଗେ
ସାରି ପ୍ରାତଃକୃତ୍ୟ ଧରି ମିତ୍ର ହସ୍ତ
ବଜପୁ ମଣ୍ଡପେ ରଙ୍ଗେ ।
ରହି କିଛିକ୍ଷଣ ନୁଆଇଁ ବଦନ
ନିବେଦିଲେ ବିପ୍ରବର
ହେ ସଖା ସୁଚିତ୍ତେ ଆଜ୍ଞା ହେଉ ମୋତେ
ଯିବା ପାଇଁ ନିଜ ଘର ।
ହସି ମନ୍ଦମନ୍ଦ ଯଦୁକୁଳ ଚନ୍ଦ୍ର
ସଖା କର ଧରି ଧୀରେ
ସସ୍ନେହ ଆଦରେ ହାସ୍ୟ ବଚନରେ
ପଚାରିଲେ ମୃଦୁ ଗିରେ ।
ବନ୍ଧୁ ଦିନୁ ଥରେ ଆସିଛ ମୋ ପୁରେ
ହେଲ ପରି ପଥବଣା:
ଯିବା ପାଇଁ ଘର କିମ୍ପା ହରବର
ମୋତେ ତ ନ ଗଲା ଜଣା ।
ଶାସ୍ତ୍ର ଶୂନ୍ୟ କର୍ମ ନରପତି ଧର୍ମ
ଭୁଲିଛି ତୁମ୍ଭଙ୍କୁ ପାଇ
ଆଜ ଦିନ ଗୃଶ ରହୁ ନିଜ ପୁସି
ଗଲେ କି ହୁଅନ୍ତା ନାହିଁ ।

Digitized by srujanika@gmail.com

ହାସ୍ୟ-ରସ ମିଶା ସୁମଧୁର ଭାଷା
ତୋଷ କଲା ଅପ୍ରମିତ
ଆମ୍ବିଳ ରସରେ ଶର୍କରା ଯୋଗରେ
ରସନାର ଯେଉଁ ଗତି ।
ଅନତ ବଦନେ ଅନମ୍ର ବଚନେ
ନିବେଦିଲେ ଦ୍ୱିଜବର
ଅନୁଦାସ ପ୍ରତି ଅନୁକମ୍ପା ପ୍ରୀତି
ରହୁଥାଉ ନିରନ୍ତର ।
ଅବାସ୍ତବ ପଥେ ଚଳି ଅବିରତେ
ଯେଣୁ ମୁହିଁ ଜ୍ଞାନଅନ୍ଧ ।
ତବ ସଙ୍ଗ ସୁଖ ଲଭ କରି ଦେଖ
ଛୁଡୁନାହିଁ କର୍ମବନ୍ଧ ।
ଶୃଙ୍ଖଳ ଆବଦ୍ଧ ଶୁକପକ୍ଷୀ ସଧ
କଲେ କେଁ ଗଗନ ପଥ
ପିଞ୍ଜରରେ ବସି ଝମକୁଛି ଝୋଷି
ହୁଏ କି ସେ ସମରଥ ।
ମାୟା ଅଜ୍ଞତ କାମନା ପୂରିତ
ଭବକୂପେ ଅଛୁ ପଡ଼ି
ମୁକ୍ତି କଳ୍ପଦ୍ରୁମ ନ ଧରୁଁ କୁସୁମ
କଳିକା ଯାଉଛି ଝଡ଼ି ।

Digitized by srujanika@gmail.com

ସୂର୍ଯ୍ୟାଲୋକ ଯେମନ   ବଞ୍ଚିଥାନ୍ତି ପ୍ରାଣୀ
କିନ୍ତୁ ଗଲେ ତା ନିକଟେ,
ଅନଳେ ପତଙ୍ଗ   ଈଶ୍ୱରେ ଅନଙ୍ଗ
ସମ ପଡ଼ିବେ ସଙ୍କଟେ ।
ତଥା କଷ୍ଟସାଧ୍ୟ   ବ୍ରହ୍ମଙ୍କ ସାନ୍ନିଧ୍ୟ
ଲଭିବାକୁ ନାହିଁ ଶକ୍ତି
ତବ କୃପାଲୋକ   ଭିକ୍ଷା ମାଗେ ଏକ
ଥାଉ ଶ୍ରୀଚରଣେ ଭକ୍ତି ।
ସୁନିର୍ମଳ ଭକ୍ତି   ସରିତେ ଶ୍ରୀପତି,
ହରଷେ ଅବଗାହନ
କରି ତରତରେ   ପୁଲକ ଅନ୍ତରେ
ମିତେ କଲେ ଆଲିଙ୍ଗନ ।
ବୋଇଲେ ହେ ବନ୍ଧୁ   ଏଟେ ଭବସିନ୍ଧୁ
ଅଳୀକ ସୁଖ ସଦନ
ନୈସର୍ଗିକ ନୀତି   ଦୀନ ଜନେ ପ୍ରୀତି
ରଖେ ଯେ ସେ ମହାଜନ ।
ମନ ଛାଣି ହରି   ମିତ କର ଧରି
ନବଢୁଁ ହେଲେ ବାହାର
ଭକ୍ତି ମନ୍ତ୍ରେ ବାନ୍ଧି   ଆଣୁଛି କି ଛନ୍ଦି
ପଶୁବ୍ରଜେ କୃଷ୍ଣସାର ।

Digitized by srujanika@gmail.com

ଯାଉଁ ରାଜପଥେ ଜନେ ନତ ମାଥେ
ପ୍ରଣମନ୍ତି ଭକ୍ତିଭରେ
ଆଶିଷ ପ୍ରଦାନ କରନ୍ତି ବ୍ରାହ୍ମଣ
ପ୍ରେମ ପୁଲକ ଅନ୍ତରେ ।
ପୁରାଙ୍ଗନାଗଣେ ଗବାକ୍ଷ ଅସ୍ରନେ
ବେନି ମିନେ ନିରୀକ୍ଷଣ
କଣ ସତ୍ୟସ୍ୱପ୍ନେ ଜିଜ୍ଞାସନ୍ତି କାଏ
ଅଟନ୍ତି ଏହି ବ୍ରାହ୍ମଣ ।
ବ୍ରହ୍ମା ବୋଲିଥାନ୍ତୁ ବେଦ ନାହିଁ କରୁ
ଉଚ୍ଚାରନ୍ତି ପୂତ ମନ୍ତ୍ର
ନାରଦ ବୋଲି ବା କେମନ୍ତେ କହିବା
କରେ ନାହିଁ ବୀଣାଯନ୍ତ୍ର ।
ବୋଲୁଁ ବୃହସ୍ପତି ମନେ ହୁଏ ଭ୍ରାନ୍ତି
ନ ଦେଖୁଛୁଁ ତାଙ୍କ ଖଡ଼ି
ବ୍ରହ୍ମଜ୍ଞାନ-ଚିହ୍ନ ଭଜନ ଲକ୍ଷଣ
ସବୁ ଅଙ୍ଗେ ଅଛି ଜଡ଼ି ।
ଉତ୍ତରେ ଶୁଣନ୍ତି ସେ ସବୁ ଅଟନ୍ତି
ଜ୍ଞାନୀ ଭକ୍ତ ଦାମୋଦର
ଅବନ୍ତୀ ନଗର ବାସ ତାହାଙ୍କର
ଯଦୁପତି ମିତ୍ରବର ।

Digitized by srujanika@gmail.com

ଏ ଉତ୍ତର ଶୁଣି ଏକ ନାଗ୍ରମଣି
କହେ ଗୋ ଦିଶଇ ମୋତେ
ଭକତ ଅଗ୍ରଣୀ ଭକ୍ତ-ଚିନ୍ତାମଣି
ପ୍ରେମପୂର୍ଣ୍ଣ ନଦୀସ୍ରୋତେ ।
ଯାଜଚ୍ଛନ୍ତ ଭସି ଦେଖ କେନେ ମିଶି
ଧର୍ମାଧର୍ମ ହୋଇ କର
ବସନ ଭୂଷଣ ପରିଧାନେ ହୀନ
ହେଲେ ହେଁ ସେ ଭକ୍ତବର ।
ଜାଣିଛ ତ ସଖୀ ବନ୍ଧୁ ପଦ୍ମ ଏଥି
ଆମ୍ଭ ଦ୍ୱାରକାଧିପତି
ଦୀନ, ହୀନ, ଜନ, ଶରଣ ରକ୍ଷଣ
ଭକ୍ତ ସଙ୍ଗେ ତାଙ୍କ ଗତି ।
ଯା ବକ୍ଷରେ ଯାହା ଆସିଲ ସେ ତାହା
ଭଷିଲ ବପ୍ରେ ଅନାଇଁ
କରି ଆଳାପନ ଭକ୍ତ ଭଗବାନ
ନଗରପ୍ରାନ୍ତେ ହେଲେ ଯାଇ ।
ବାର ବାର କର ଧରି ବନ୍ଧୁବର
କହୁଥାନ୍ତି ଶ୍ରୀନିବାସେ
ଯିବାକୁ ଆଦେଶ ହେଉ ପୀତବାସ
ସଦୟ ଦାସାନୁଦାସେ ।

Digitized by srujanika@gmail.com

ଭକତ-ରତନ ଭକ୍ତ-ପ୍ରେମାଧୀନ
ବାଷ୍ପ ଗଦଗଦ ସ୍ୱରେ
ଯାଅ ଏବେ ମିତ ବୋଲି ପଦ୍ମନେତ୍ର
ଆଲିଙ୍ଗିଲେ ସ୍ନେହଭରେ ।
ମିତ ଅଟ ପୁଣି ଭକତ ଅଗ୍ରଣୀ
ଯେଣୁ ତୁମ୍ଭେ ବନ୍ଧୁଙ୍କର
କଳଙ୍କ ରହିତ ଉଚ୍ଚକୁଳେ ଜାତ
ବର୍ଣ୍ଣଶ୍ରେଷ୍ଠ ଦ୍ୱିଜବର ।
ଏତୁ ଭିକ୍ଷା ମମ ଆହେ ଦ୍ୱିଜୋତ୍ତମ
ରହିଥିବ ତୁମ୍ଭେ ଯହିଁ
ଦୁଃଖେ ଅବା ସୁଖେ ହେଉ ବା ବିମୁଖେ
ମନେ ପଡ଼ୁଥିବ ମୁହିଁ ।
ଯାଉଅଛି ମୁହିଁ ବୋଲି ବିପ୍ରସାଙ୍କି
କୃଷ୍ଣ କଲେ ନମସ୍କାର
ପ୍ରତି ନମସ୍କାର କରି ବିପ୍ରବର
ସେଠାରୁ ହେଲେ ବାହାର ।
ନେତ୍ରପଥୁଁ ଦୂର ହେଉଁ ମିତବର
ଫେରିଲେ ଦ୍ୱାରକାପତି
ହିଂସ୍ରଜନ୍ତୁପୂର୍ଣ୍ଣ କଣ୍ଟକ କାନନ
ପଥେ ଦ୍ୱିଜ କଲେ ଗତି ।

Digitized by srujanika@gmail.com

ଏକାକୀ ବସିଲେ ଗତ କରୁଁ ମନେ
ପଡ଼ିଲେ ପ୍ରିୟା ସୁମତୀ
ହରଷେ ବରଷ ଲଭିଲ ମାନସ
ଶିଥିଳ ହୋଇଲା ଗତ ।
ବନ୍ଧୁରେ ମାନସ ବଢ଼ବ ବିଳାସ—
ଆଶାର ଉଆସ ତୋଳି
କୁଟୀର ବାସିନୀ ହୋଇ ଏକାକିନୀ
ପ୍ରିୟା ଥିବ ଦ୍ୱାର ଖୋଲି ।
ନେହ ଭରି ନୀରେ ବସି ଭୂମି ପରେ
ପାରି ଛିନ୍ନ ତୃଣାସନ
ଚହୁଁଥିବ ଦାଣ୍ଡେ ଢାଳୁଥିବ ଗଣ୍ଡେ
କର କରି ନିବେଶନେ ।
ଏ ସମୟେ ଯାଇ ପଚୃରଙ୍କ ମୁହଁ
କି କରୁଛ ସମାଚାର
ଆଶା କୋଠାଘର ଭାଙ୍ଗିଯିବ ତାର
ଦେଖି ମୋତେ ଶୂନ୍ୟକର ।
ଦେଲେ କି ସମ୍ପତ୍ତି ବୋଲି ସେ ଯୁବତୀ
ପଚୃରିବ ମୋତେ ଯେବେ
ଦେଖ ମୁଁ କି ଭାଷା ବିଷମ ଦୁର୍ଦ୍ଦଶା
ଉପସ୍ଥିତ ହେଲା ଏବେ ।

Digitized by srujanika@gmail.com

କସ୍ତୁରୀ ତ ନ ଦେଲେ ଏଥା କେବେହେଲେ
କହୁ ନାହିଁ ମୋ ମୁଖ
ଯା ନାମ ଶ୍ରବଣେ ସ୍ମରଣେ କୀର୍ତ୍ତନେ
ପ୍ରାଣୀ ଲଭଥାଏ ସୁଖ ।
ମହାମିତ୍ର ମୋର ଦ୍ୱାରକା ଠାକୁର
ଭକ୍ତବନ୍ଧୁ ଭାବଗ୍ରାହୀ
ଅନ୍ତର୍ଯାମୀ ତାଙ୍କ ଗୃହରେ ଯାଚକ
କଣ ଶୋଭା ପାଏ ନାହିଁ ।
ଭାବ ଯା ନ ଥିଲି ଲଭି ପ୍ରୀତ ହେଲି
ଦେବତାପମ ସମାଦର
କୋଟି ଜନ୍ମକୃତ ଖଣ୍ଡିଲା ଦୁଷ୍କୃତ
ଧନ୍ୟ ହେଲା କଳେବର ।
ନବ ପକ୍ଷଧାରୀ ପିମ୍ପୁଡ଼ି ଯେପରି
ଆକାଶରେ ଉଡ଼େ ଥରେ
ପକ୍ଷ ହେଲେ ଛିନ୍ନ ଲଭି ପୂର୍ବ କର୍ମ
ପୁଣି ପଶଇ ଗର୍ତ୍ତରେ ।
ସେହିପରି ମୁହିଁ ବନ୍ଧୁପଣେ ଯାଇ
ରହିଲି ଦିବ୍ୟ ବାଟୀରେ
ଦୁର୍ଲ୍ଲଭ ଯା ଦେବେ ଲଭ କରି ଏବେ
ପଶିବି ନିଜ କୁଟୀରେ ।

Digitized by srujanika@gmail.com

ପ୍ରିୟା ଯୋଗୁଁ ସିନା ହୋଇ ଉଚ୍ଛମନା
ଲଭିଲି ବ୍ୟୋମେ ଭାସ୍କର
କିନ୍ତୁ ତା ମାନସ ପାରସ ଚରଣ
କଲ ନାହିଁ ଭାନୁକର ।
ଗଗନ ପଥରେ ଭଗୃର ରଥରେ
ଆରୋହି ଭକ୍ତକେଶରୀ
ଅବନ୍ତୀ ନଗରେ ହରଷ ଅନ୍ତରେ
ହେଲେ କୃଷ୍ଣ ନାମ ସ୍ମରଣ ।
ମିଳି ନିଜ ଧାମେ ଖୋଜନ୍ତି ସମ୍ଭ୍ରମେ
କୁଠୀର ସଙ୍ଗେ ସୁମତି
ନ ପାଇ ସନ୍ଧାନ ବିଚଳିତ ମନ
ଇତସ୍ତତଃ କଲେ ଗତି ।
ଦିବ୍ୟ ପୁର ଦ୍ୱାର ଦେହଳୀରେ କର
ନାଟବେଶି ଏକ ଅଙ୍ଗନା
ହୋଇଥିଲେ ଛୁଡ଼ା ପାଇ କିବା ବ୍ରୀଡ଼ା
ଦେବ ଯୋଗେ ଦେବାଙ୍ଗନା ।
ଭ୍ରାନ୍ତ ଦ୍ୱିଜପତି ହେଲେ କରୁଁ ଗତି
ଲଳନା ଦୃଷ୍ଟିଗୋଚର
ଡାକ ଦେଲେ କାନ୍ତେ ଆସ ହେ ପୁରନ୍ତେ
ପ୍ରଣୟିନୀ ମୁଁ ତୁମ୍ଭର ।

Digitized by srujanika@gmail.com

ପୂର୍ବ ପରିଚିତ   କଣ୍ଠସ୍ୱର ଶ୍ରୁତ
ବୋଧ କଲ ବିପ୍ର ଚିତ୍ତ
ସନ୍ନିକଟେ ମିଳି   ମନେ ହେଲେ ଭଳି
ରୂପ ଦେଖେ ବିପରୀତ ।
କୃଷ୍ଣ କୃଷ୍ଣ ସ୍ମରି   ନୟନ ନୀବାରି
ନିକଟୁଁ ହୁଅନ୍ତେ ଦୂର
ଆସି ତରତରରେ   ସୁମତୀ ସୁସ୍ୱରେ
ବୋଇଲେ ଏ ତୁମ୍ଭ ପୁର ।
ମୁଁ ତୁମ୍ଭ ଯୁବତୀ   ମୋ ନାମ ସୁମତୀ
ଚରଣ ସେବାକୁ କ୍ଷମ
କୁଟୀ ଗୋଟି ତୁଟି   ଯାଇଅଛି ମୁକ୍ତି
ଏ ନବର ପୁଷ୍ପ ସମ ।
ଦ୍ୱାରକାଧିପତି   ପ୍ରଭୁ ଯଦୁପତି
ମିହାଣୀଙ୍କୁ ସଙ୍ଗେ ଘେନି
ମିଳନ ଆଶାରେ   ଅଛନ୍ତି ବାସରେ
ବଢବା ଚରଣ ବେନି ।
ଆସ ଆସ ନାଥ   ବୋଲି ଘେନି ହସ୍ତ
ପୁରେ ନେଲେ ବିପ୍ରବରେ
କାଉଁରି ପାଟଣା   ନାସି ଯୋଗେ ବଣା
ହୋଇ କି ପୁରୁଷ ଚଳେ ।

Digitized by srujanika@gmail.com

ତ୍ରିଦଶ ଆଳୟ   ବନାନ୍ଧତାଳୟ
ଦରଶନେ ଦ୍ୱିଜପତି
କଲେ ଅନୁଭବ   ବାସ ବଇଭବ
ନିମିତ୍ତ ଏକା ଶ୍ରୀପତି ।
ବାଷ୍ପ ଗଦଗଦେ   ବୋଇଲେ ପ୍ରମୋଦେ
କାହିଁ ରମା ରମାପତି
ବନ୍ଧୁପଣେ ତବ   ଦେଇ ଏ ବିଭବ
କେଉଁଠାରେ ରହିଛନ୍ତି ।
ଆସ ନାଥ ବୋଲି   ସୁମତୀ ଦେଖଲୀ
ଅଧୀରେ କରି ଲିଙ୍ଗନ
କ୍ଷିପ୍ର କରି ଗତି   ନବରେ ଖୋଜନ୍ତି
ନାହିଁ ଲକ୍ଷ୍ମୀନାରାୟଣ ।
ମୃଗମଦ ଗନ୍ଧ   ହୋଇ ମନ୍ଦମନ୍ଦ
ପୁରେ ପୁରେ କରେ ଗତି
ନଇରାଶ୍ୟମୟ   ଅଥୟ ହୃଦୟ
ବ୍ୟଥିତ ହେଲେ ସୁମତୀ ।
ବାରିପୂର୍ଣ୍ଣ ନେନେ   କମ୍ପମାନ ଗାତେ
କାନ୍ତେ କରି ନିବେଦନ
ବୋଇଲେ ହେ କାନ୍ତ   ଏ କି ଅଦଭୁତ
ପୁରେ ନାହିଁ ନାରାୟଣ ।

Digitized by srujanika@gmail.com

ତବ କୃପା ଲଭି ମିତ୍ରପଦ ସେବି
ହୋଇଥିଲି ମୁଁ ସୁହାଗୀ
ନିମିଷେ ଅନ୍ତର ହୋଇ ଚକ୍ରଧର
ସେ ପଦୁଁ କଲେ ଅଭାଗୀ ।
ଚିନ୍ତି ଗତାଗତ ଅସ୍ଥ କରି ଚିତ୍ତ
ହରଷରେ ବିପ୍ରବର
ବୋଇଲେ ଗୋ ସଖୀ ନୁହ ତୁ ବିମୁଖୀ
ବିଗୃର କର ହୃଦର ।
ଗୃହୁଥିଲୁଁ ଯାହା ଦେଲେ ପ୍ରଭୁ ତାହା
ବିଭବ ବିଳାସ ଯୋଗ
ଚିତ୍ତ କରି ଶାନ୍ତ ନୋହି ପଥଭ୍ରାନ୍ତ
କର ଯେ ସମ୍ପଦ ଭୋଗ ।
ମିତ୍ରଦତ୍ତ ଧନେ ତୋଷ ଲଭି ମନେ
ହୁଅ ସୁଖ ଅଧିକାରୀ
ଘୁଡ଼ ଭିକ୍ଷା ଝୁଲି ଆଜଠାରୁ ହେଲି
"ମୁକ୍ତପଥର ଭିକାରି" ।

— * ସ * ମା * ପ୍ତ * —

Digitized by srujanika@gmail.com

ଲେଖକଙ୍କ ରଚିତ ଓ ପ୍ରକାଶିତ
ଅନ୍ୟାନ୍ୟ ରଚନାବଳୀ

୧।	ନଳିନୀ ବିଜୟ	ଟ ୦-୩୭
୨।	ଦମୟନ୍ତୀ	ଟ ୧-୮୦
୩।	ସାବିତ୍ରୀ ବ୍ରତ	ଟ ୦-୨୫
୪।	କବି ସ୍ମରଣିକା	ଟ ୦-୧୦
୫।	ଶ୍ରୀଜଗନ୍ନାଥ ଦର୍ଶନ	ଟ ୦-୧୫
୬।	ଶ୍ମଶାନ କଙ୍କାଳ	ଟ ୦-୨୮

Digitized by srujanika@gmail.com